ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ ୨୫
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.207 Bhubaneswar Monday September 25 2023 | ୨୬ତମ ବର୍ଷ ସଂଖ୍ୟା-୨୦୭ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୦ରୁ ୮ ନମ୍ବର ଦେଲେ ନବୀନ



ଭୁବନେଶ୍ୱର,୨୪।୯(ପି.ଏନ): ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁରି ଭୁରି ପ୍ରଶଂସା କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଓଡିଶା ଲିଟେରାରି ଫେଷ୍ଟିଭାଲରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୦ରୁ ୮ ନମ୍ବର ଦେଇଛନ୍ତି ନବୀନ। ବିଶେଷକରି ଦୁର୍ନୀତି ଦୂର ପାଇଁ ମୋଦିଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ପୁଞ୍ଛରେ ନିୟନ୍ତ୍ରଣ ରେଖା ନିକଟରେ ସେନାର ଗୁଳିରେ ତସ୍କର ଆହତ, ହେରୋଇନ୍ ଜବତ

ପୁଂଛ,୨୪।୯(ପି.ଏନ): ପୁଂଛ ଜିଲ୍ଲାରେ ନିୟନ୍ତ୍ରଣ ରେଖା ନିକଟରେ ସନ୍ଦିଗ୍ଧ ଗତିବିଧି ଦେଖି ସେନାର ଯବାନ ମାନେ ସେହି ଦିଗକୁ ଗୁଳି ଚଳାଇଥିଲେ। ଏଥିରେ ମାଦକ ଦ୍ରବ୍ୟ ଚାଲାଣ କରୁଥିବା ଜଣେ ତସ୍କର ଆହତ ହୋଇଛି । ତା ନିକଟରୁ ବିପୁଳ ପରିମାଣର ହେରୋଇନ୍ ଜବତ ହୋଇଛି ।ସୈନ୍ୟ ଅଧିକାରୀମାନେ ରବିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ପୁଂଛ ଜିଲ୍ଲାର ନିୟନ୍ତ୍ରଣ ରେଖାର ସୁରକ୍ଷା କରୁଥିବା ଯବାନ ମାନେ ଗୁଲପୁର ସେକ୍ଟରର କରମାରାରେ ଜଣେ ବ୍ୟକ୍ତିର ସନ୍ଦିଗ୍ଧ ଗତିବିଧି ଦେଖିବାକୁ ପାଇଥିଲେ ।

## ଆଜି ଶୁଭାରମ୍ଭ ହେବ ଦ୍ୱିତୀୟ ପୁରୀ-ରାଉରକେଲା 'ବନ୍ଦେ ଭାରତ ଏକ୍ସପ୍ରେସ' ଟ୍ରେନ , ଭର୍ଚୁଆଲରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୨୪।୯(ପି.ଏନ): ଆଜିଠୁ ପୁରୀ-ରାଉରକେଲା ମଧ୍ୟରେ ଗଡିବ 'ବନ୍ଦେ ଭାରତ ଏକ୍ସପ୍ରେସ' ଟ୍ରେନ୍? ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଙ୍ଗ ମାଧ୍ୟମରେ ଓଡିଶାବାସୀଙ୍କ ପାଇଁ ବନ୍ଦେଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ ।ଏହାର ଶୁଭାରମ୍ଭ ଭୁବନେଶ୍ୱର ରେଳ ଷ୍ଟେସନଠାରେ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଓ ବିଧାୟକ ମାନେ ଉପସ୍ଥିତ ରହିବେ ।ଏହି ବନ୍ଦେ ଭାରତ ଏକ୍ସପ୍ରେସ ସପ୍ତାହର ଶନିବାରକୁ ଛାଡି ଦେଲେ ବାକି ୬ ଦିନ ଚ଼ାଲିବ । ଏହା ପୁରୀରୁ ରାଉଲକେଲା ପର୍ଯ୍ୟନ୍ତ ୭ ଘଣ୍ଟା ୪୫ ମିନିଟରେ ୫୦୫ କିଲୋମିଟର ଅତିକ୍ରମ କରିବ ବୋଲି ସୂଚ଼ନା ରହିଛି । ଏହି ଟ୍ରେନ ସକାଳ ୫ଟାରେ ଯାତ୍ରା ଆରମ୍ଭ କରିବ ଏବଂ ଦିନ ୧୨ ଟା ୪୫ରେ ରାଉଲକେଲାରେ ପହଞ୍ଚିବ । ସେହିପରି ଏହା ଦିନ ୨ଟା ୧୦ରୁ ବାହାରି ରାତି ୯ଟା ୪୦ରେ ପୁରୀରେ ପହଞ୍ଚିବ ବୋଲି କୁହାଯାଇଛି । ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ତାଳଚେରରେଡ, ଅନୁଗୁଳ, ରେଢାଖୋଲ, ସମ୍ବଲପୁର ସହର ଏବଂ ଝାରସୁଗଡା ଷ୍ଟେସନମାନଙ୍କରେ ଏହି ଟ୍ରେନର ରହଣି ହେବ । ଉପକୂଳ ଏବଂ ପଶ୍ଚିମ ଓଡିଶାକୁ ସଂଯୋଗ କରିବା ସହ ଯାତ୍ରୀମାନଙ୍କ ପାଇଁ ସମସ୍ତ ସୁବିଧା ଏଥିରେ ଉପଲବ୍ଧ ରହିଛି ।

## ଗାଜିୟାବାଦରେ ନକଲି ଔଷଧ ପେଟି ଜବତ, ଚାରି ଗିରଫ

ଗାଜିୟାବାଦ, ୨୪।୯(ପି.ଏନ): ଉତର ପ୍ରଦେଶର ଗାଜିୟାବାଦ ଜିଲ୍ଲାର କୋତବାଲୀ ପୋଲିସ୍ ରବିବାର ଦିନ ନକଲି ଔଷଧର ଅନ୍ ଡିମାଣ୍ଡ ଯୋଗାଣ କରିଥିବା ଏକ ଦଳର ପର୍ଦ୍ଦାଫାଶ କରିଛି । ପୋଲିସ୍ ଏହି ଦଳର ଚାରିଜଣଙ୍କୁ ଗିରଫ କରି ତାଙ୍କ ଠାରୁ ନକଲି ଔଷଧର ପେଟି ଜବତ କରିଛି। ଏହି ଦଳ ନକଲି ଔଷଧ ମଗାଇ ବିଭିନ୍ନ ମେଡ଼ିକାଲ ଷ୍ଟୋର୍‌କୁ ପଠାଉଥିଲା ।ଓହର ପୋଲିସ୍ ଉପାଯୁକ୍ତ ନିପୁଣ ଅଗ୍ରୱାଲ କହିଛନ୍ତି ଯେ ଲଗାତାର ସୂଚନା ମିଳୁଥିଲା ଯେ କିଛି ଲୋକ ବାହାରୁ ନକଲି ଔଷଧ ମଗାଇ ଗାଜିୟାବାଦରେ ବିକ୍ରି କରୁଛନ୍ତି। ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ପୋଲିସ୍ କମିଶନରେଟ ଗାଜିୟାବାଦ ଟିମ୍ ରେଲୱେ ଷ୍ଟେସନ ପାଖ ମାଲ୍‌ଗୋଦାମ ଯାତ୍ରୀ ଶୋଡ଼ରୁ ଲୋକଙ୍କୁ ନକଲି ଔଷଧର ୩୦ ଡବା, ୨୬ ରଓ୍ୱଡ଼ର ନକଲି ଷ୍ଟାମ୍ପ ଏ ୪ ମୋବାଇଲ୍ ଫୋନ୍ ସହିତ ଗିରଫ କରିଛି ।

## ଆନ୍ତଃରାଜ୍ୟ ସାଇବର୍ ଠକ ଗିରଫ

ଗଞ୍ଜାମ, ୨୪।୯(ପି.ଏନ): ଜଣେ ଆନ୍ତଃରାଜ୍ୟ ସାଇବର୍ ଠକକୁ ବ୍ରହ୍ମପୁର ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ କାବୁ କରିଥିବା ଜଣାପଡିଛି । ସେ ହେଲା ଝାଡ଼ଖଣ୍ଡ ରାଜ୍ୟର ଦେଓଘର ଜିଲ୍ଲା ଅନ୍ତର୍ଗତ କାରନ ଥାନା ଅଂଚଳର ମହମ୍ମଦ ଅଫଜଲ ଅନସାରୀ (୨୮) । ତାକୁ ଝାଡ଼ଖଣ୍ଡରୁ ଗିରଫ କରାଯାଇ ବ୍ରହ୍ମପୁର ଅଣାଯାଇଛି । ବ୍ରହ୍ମପୁର ଜିଲ୍ଲା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲୁ ଡାର୍ଟ କୋରିୟର୍ ଆସୁଥିବା ପାର୍ସଲର ଅବସ୍ଥିତି ସମ୍ପର୍କରେ ଜାଣିବାକୁ ବ୍ରହ୍ମପୁରର ଜଣେ ବ୍ୟକ୍ତି ଗତ ଅଗଷ୍ଟ ମାସରେ ଗୁଗୁଲ୍ ସର୍ଚ୍ଚ ଇଞ୍ଜିନରୁ କଷ୍ଟମର୍ କେୟାର୍ ନମ୍ବର ଖୋଜି ସେଥିରେ ଯୋଗାଯୋଗ କରିଥିଲେ । ସେତେବେଳେ ସେ ସାଇବର୍ ଠକ ହାବୁଡ଼ରେ ପଡି ଯାଇଥିଲେ ।

## ଆଶାକର୍ମୀ ଭତା ବୃଦ୍ଧି, ସାମାଜିକ ନିରାପତା ଓ ଅନ୍ୟାନ୍ୟ ଦାବିରେ ସେପ୍ଟେମ୍ବର ୨୮ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ବିଧାନସଭା ଘେରାଉ

ବଲାଙ୍ଗୀର,୨୪।୯(ପି.ଏନ): ନିଖିଳ ଓଡିଶା ଆଶାକର୍ମୀ ସଂଘର ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଠାରେ ସଭାପତି ତିର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜାତୀୟ ଶ୍ରମ ସମ୍ମିଳନିରେ ନିଷ୍ପତି ଅନୁଯାୟୀ, ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ପେନସନ, ସାମାଜିକ ନିରାପତା, ମାସିକ ସୁନିଶ୍ଚିତ ଭତା ପରିବର୍ତେ ମାସିକ ଭତା ପ୍ରଦାନ, ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ଅନ୍ୟାନ୍ୟ ଯୋଜନାର ଦେୟ ଆଶାମାନଙ୍କର ଜମାଖାତାରୁ କଟାଯିବା ବନ୍ଦ କରିବା ସହ ସରକାର ବୀମା ଯୋଜନାର ପ୍ରିମିୟମ ପ୍ରଦାନ, ସମସ୍ତ ପ୍ରୋତ୍ସାହନ ରାଶିକୁ ମିଶାଇ ମୋଟ ୨୧ ହଜାର ଟଙ୍କା ଭତା ପ୍ରଦାନ, ଆଶାକର୍ମୀଙ୍କ ବହିଷ୍କାର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ସହିତ ବହିଷ୍କାର ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ଜନନୀ ସୁରକ୍ଷା ଯୋଜନାରେ ଅନୁଦାନ ବୃଦ୍ଧି ସହ ଆଶାକର୍ମୀଙ୍କ ପାଇଁ ଗଠିତ ସଂସଦୀୟ କମିଟିର ସୁପାରିଶ ଯଥା ଦଶ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ଏ.ଏନ୍.ଏମ୍. ପଦୋନ୍ନତି, ୫ ବର୍ଷ ଅଭିଜ୍ଞତା ଥିବା ଆଶାକର୍ମୀଙ୍କ ନର୍ସିଂ ସ୍କୁଲ କଲେଜରେ ତାଲିମ ପାଇଁ ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦାବିରେ ଆସନ୍ତା ୨୮ ତାରିଖରୁ ବିଧାନସଭା ସମ୍ମୁଖରେ ଦାବୀ ହାସଲ ପର୍ଯ୍ୟନ୍ତ ଦିବାରାତ୍ର ଧାରଣା ବିକ୍ଷୋଭ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି ।ଆଜିକାର ସଭାରେ ବଲାଙ୍ଗିର ଜିଲ୍ଲାର ସମସ୍ତ କମିଟିର ସଭାପତି ସଂପାଦକମାନେ ଯୋଗ ଦେଇ ନିଜର ମତାମତ ପ୍ରଦାନ କରିଥିଲେ । ଏହି ସମାବେଶରେ ବଲାଙ୍ଗିର ଜିଲ୍ଲାରୁ ବହୁ ସଂଖ୍ୟକ ଆଶା କର୍ମୀ ଯୋଗ ଦେବାକୁ ସଭାପତି ତିର୍ଥ ପ୍ରଧାନ ଓ ସଂପାଦକ ଓମି ଗୁପ୍ତା ଅନୁରୋଧ କରିଛନ୍ତି।

## ଏନଡିଏ ସହ ମେଣ୍ଟ କରିବାରୁ ଦଳ ଛାଡିଲେ ଜେଡିଏସର ବରିଷ୍ଠ ମୁସଲିମ ନେତା



ନୂଆଦିଲ୍ଲୀ,୨୪।୯(ପି.ଏନ): ଜନତା ଦଳ ସେକୁଲାର ବା ଜେଡିଏସ୍ ହାତ ଛାଡିଲେ ଜଣେ ବରିଷ୍ଠ ନେତା। ଦଳ ନ୍ୟାସନାଲ୍ ଡେମୋକ୍ରାଟିକ ଆଲାଏନ୍ସ ସହ ମିଶିବା ପରେ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ତେବେ ଜେଡିଏସ୍ ଛାଡିଥିବା ବରିଷ୍ଠ ନେତା ହେଉଛନ୍ତି ସୟଦ ଶୈଫଉଲ୍ଲା। ବିଜେପି ଲୋକଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରୁଥିବା ଦର୍ଶାଇ ଦଳ ଛାଡିଥିବା କହିଛନ୍ତି ।ଶୈଫଉଲ୍ଲା କର୍ଣ୍ଣାଟକାର ବରିଷ୍ଠ ଉପସଭାପତି ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ତାଙ୍କ ଇସ୍ତଫା ପତ୍ର ଦଳର ସୁପ୍ରିମ ଏଚ଼ଡି ଦେବେଗୌଡାଙ୍କୁ ପଠାଇଛନ୍ତି। ଆସନ୍ତା ଲୋକସଭା ନିର୍ବାଚ଼ନରେ ଦଳ ଏନଡିଏ ସହ ମେଣ୍ଟ କରିବାରୁ ସେ ଦଳ ଛାଡିଥିବା ସ୍ୱଷ୍ଟୋକ୍ତି ଦେଇଛନ୍ତି। ଦଳ ଛାଡିବା ପରେ ଶୈଫଉଲ୍ଲା କହିଛନ୍ତି, 'ମୁଁ ଗତ ୩୦ ବର୍ଷ ଧରି ଦଳ ସହ ଥିଲି। ଆମ ଦଳର ଧର୍ମନିରପେକ୍ଷ ବୋଲି ନାଁ ଅଛି। ଆମେ ସର୍ବଦା ଦଳର ନୀତି ଉପରେ ପ୍ରଚ଼ାର କରୁଥିଲୁ ଏବଂ ଲୋକଙ୍କ ପାଖରେ ପହଞ୍ଚୁଥିଲୁ।

## ଅବ୍ୟବସ୍ଥା ଘେରରେ ଧର୍ମଶାଳା ଉଠାଜଳସେଚନ କାର୍ଯ୍ୟାଳୟ

ଧର୍ମଶାଳା,୨୪।୯(ପିଏନ୍): ଅବ୍ୟବସ୍ଥା ଘେରରେ ଧର୍ମଶାଳା ଉଠାଜଳସେଚନ ନିଗମ ଉପଖଣ୍ଡ କାର୍ଯ୍ୟାଳୟ । ନାନାଦି ସମସ୍ୟା ଦେଇ ଏହି କାର୍ଯ୍ୟାଳୟ ଗତି କରୁଥିଲେ ମଧ୍ୟ ଏହାର ସୁଧାର ଆଣିବା ପାଇଁ କେହି ଦୃଷ୍ଟି ଦେଉନାହାଁନ୍ତି । ନିଜ କାର୍ଯ୍ୟାଳୟର ଅବସ୍ଥା ସୁଧାରି ପାରୁନଥିବା କର୍ତ୍ତୃପକ୍ଷ ଚାଷୀମାନଙ୍କ ସମସ୍ୟା କିପରି ସମାଧାନ କରିବେ ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରିଛି । ଜାରକା ମେଳଣ ପଡ଼ିଆ ନିକଟରେ ଥିବା ବିପଦସଙ୍କୁଳ ଗୃହରେ ଚାଲିଛି ଓଡ଼ିଶା ଉଠାଜଳସେଚନ ନିଗମ ଉପଖଣ୍ଡ କାର୍ଯ୍ୟାଳୟ । ଧର୍ମଶାଳା ବ୍ଲକ୍‌ର ୪୫ଟି ପଂଚାୟତରେ ଥିବା ଚାଷ ଜମିକୁ ଜଳସେଚିତ କରିବା ପାଇଁ ନିଗମ ପକ୍ଷରୁ ଏକାଧିକ କୋଟି ଟଙ୍କା ବ୍ୟୟରେ ୧୯୮ଟି ପ୍ରକଳ୍ପ ନିର୍ମାଣ ହୋଇଛି । ହେଲେ ଅଧିକାଂଶ ପ୍ରକଳ୍ପ ଏବେ ଅଚଳ । କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ମୋଟର ଓ ଯନ୍ତ୍ରାଂଶ ଆଦି ଚୋରି ହୋଇଗଲାଣି । ଏସବୁ ସ୍ଥାନୀୟ ପାଣି ପଂଚାୟତ ଦାୟିତ୍ୱରେ ରହିଥିବାରୁ ଏହାର ତଦାରଖ ଦାୟିତ୍ୱ ବିଭାଗୀୟ କର୍ତ୍ତୃପକ୍ଷ ନେଉନାହାଁନ୍ତି । ଫଳରେ ପ୍ରକଳ୍ପ ପମ୍ପ ଉପରେ ଗଛଲତା ମାଡ଼ି ଯାଇଥିବା ବେଳେ ମୋଟର ଘରେ ତାଲା ଝୁଲୁଛି । ଚଳିତ ବର୍ଷ ବର୍ଷାରେ ଅନିୟମିତତା ସାଙ୍କକୁ କେନାଲରେ ଆବଶ୍ୟକ ମୁତାବକ ପାଣି ନଆସିବାରୁ ଧାନ ଓ ପରିବା ଫସଲ ବାଧାପ୍ରାପ୍ତ ହୋଇଥିଲା । ଏହି ସମୟରେ ଉଠାଜଳସେଚନ ପମ୍ପର ଆବଶ୍ୟକତା ସୃଷ୍ଟି ହୋଇଥିଲା। ହେଲେ ବ୍ଲକ୍‌ର କୌଣସି ସ୍ଥାନରେ ପମ୍ପ କାର୍ଯ୍ୟକ୍ଷମ ନଥିବାରୁ ଧାନ ଚାଷ ହୋଇଥିବା ଜମିକୁ ଆବଶ୍ୟକ ପାଣି ଯୋଗାଇ ହେଲାନାହିଁ । ଫଳରେ ଏ ବାବଦରେ ବିନିଯୋଗ ହୋଇଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିଥିବା ଚାଷୀମାନେ ଅଭିଯୋଗ ଉଠାଇଥିଲେ । ଏପଟେ ଜାରକାସ୍ଥିତ କାର୍ଯ୍ୟାଳୟରେ ମାତ୍ର ୨ଜଣ ସହକାରୀ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି । ଏଠାରେ ଅନ୍ୟ ସମସ୍ତ ପଦବୀ ଖାଲି ପଡ଼ିଛି । ଏପରିକି ପିଅନ କିମ୍ବା ଝାଡୁଦାର ନାହାଁନ୍ତି । ନିଜେ ଯନ୍ତ୍ରୀ ସକାଳେ ଆସି ଅଫିସ୍ ଝାଡୁ କରୁଛନ୍ତି । ଛାତ ଘର ଭାଙ୍ଗିରୁଜି ଯାଇଥିବା ବେଳେ ଅଧିକାରୀଦ୍ୱୟ ଟିଣ ଛପର ଘରେ ବସି କାମ କରୁଛନ୍ତି । ବିଭିନ୍ନ ଅଂଚଳକୁ ଗସ୍ତ କରିବା ପାଇଁ ଗାଡ଼ିଟିଏ ନାହିଁ । ବହୁବର୍ଷ ପୂର୍ବେ ଯେଉଁ ଜିପ୍‌ଟି ମିଳିଥିଲା ତାହା ଏବେ କାର୍ଯ୍ୟାଳୟ ପରିସର ଏକ ଭଙ୍ଗା ଘରେ ଖତ ଖାଉଛି । ପରିତ୍ୟକ୍ତ ଅବସ୍ଥାରେ କର୍ମଚାରୀ ଓ ଅଧିକାରୀଙ୍କ କ୍ୱାଟର୍ସ୍ । ଏଥିରେ ଗଛଲତା ମାଡ଼ି ଗଲାଣି । ରାତିରେ ସାପ, ସରୀସୃପଙ୍କ ଭୟ । ଭଙ୍ଗା କ୍ୱାଟର୍ସରେ ନାନାଦି ଅସାମାଜିକ କାର୍ଯ୍ୟ ସାଙ୍ଗକୁ ନିଶାପାଣି ସେବନ କରାଯାଉଛି ।

## ସୁନା ଦୋକାନରୁ ସଶସ୍ତ୍ର ଡକାୟତି, ନେଇଗଲେ ୨୫ ଲକ୍ଷ ଟଙ୍କାର ଅଳଙ୍କାର



ଭୁବନେଶ୍ୱର,୨୪।୯(ପି.ଏନ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକ ନିକଟରେ ଥିବା ଏକ ସୁନା ଦୋକାନରୁ ଆଜି ସଶସ୍ତ୍ର ଡକାୟତି ହୋଇଛି । ଡକାୟତମାନେ ପ୍ରାୟ ୨୫ ଲକ୍ଷ ଟଙ୍କା ସୁନା ଓ ରୁପା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଥିବା ବେଳେ ସଦର ଥାନା ପୁଲିସ୍ ଘଟଣାର ତଦନ୍ତ କରୁଛି ।ସୁନା ଦୋକାନ ମାଲିକ ଅନନ୍ତ ଚ଼ରଣ ସାହୁ କହିଛନ୍ତି, ସକାଳ ପ୍ରାୟ ୧୦ଟା ୪୦ ବେଳେ ୫ ଜଣ ଅଜ୍ଞାତ ଲୋକ ଦୋକାନ ଭିତରେ ପଶିଥିଲେ। ସେମାନେ ଦୁଇଟଇ ବାଇକ୍ ?ରେ ଆସିଥିଲେ। ସେମାନେ କର୍ମଚ଼ାରୀମାନଙ୍କୁ ବନ୍ଧୁକ ଦେଖାଇ ସୁନା ଓ ରୁପା ଅଳଙ୍କାର ଲୁଟି ନେଇ ଥିଲେ । ସେମାନେ ପରସ୍ପର ମଧ୍ୟରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିଲେ। ଲୁଟ ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

## ଚନ୍ଦ୍ରଯାନ-୩ ର ସଫଳତା ପରେ ଜି-୨୦ର ଭବ୍ୟ ଆୟୋଜନ ପ୍ରତ୍ୟେକ ଭାରତୀୟଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୪।୯(ପି.ଏନ): ଚନ୍ଦ୍ରଯାନ-୩ ର ସଫଳତା ପରେ ଜି-୨୦ର ଭବ୍ୟ ଆୟୋଜନ ପ୍ରତ୍ୟେକ ଭାରତୀୟଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ ତାଙ୍କର ରେଡିଓ ଅଭିଭାଷଣ ମନ କି ବାତ ରେ ଏହା କହିଛନ୍ତି । ସେ କହିଛନ୍ତି, ବିଗତ ଦିନରେ ସବୁଠାରୁ ଅଧିକ ଚିଠି, ବାର୍ତ୍ତା ଆଦି ଯାହା ମୋତେ ମିଳିଛି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଦୁଇଟି ପ୍ରସଙ୍ଗ ଉପରେ କେନ୍ଦ୍ରିତ । ପ୍ରଥମ ପ୍ରସଙ୍ଗଟି ହେଲା ଚନ୍ଦ୍ରଯାନ-୩ ର ସଫଳ ଅବତରଣ ଏବଂ ଦ୍ୱିତୀୟ ପ୍ରସଙ୍ଗଟି ହେଲା ଦିଲ୍ଲୀରେ ଜି-୨୦ର ସଫଳ ଆୟୋଜନ । ଦେଶର ପ୍ରତ୍ୟେକ ଭାଗରୁ ସମାଜର ପ୍ରତ୍ୟେକ ବର୍ଗରୁ, ସବୁ ବୟସର ଲୋକଙ୍କର ଅସଂଖ୍ୟ ଚିଠି ମୋତେ ମିଳିଛି । ଯେତେବେଳେ ଚନ୍ଦ୍ରଯାନ-୩ ର ଲ୍ୟାଣ୍ଡର୍ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଥିଲା, ସେତେବେଳେ କୋଟି କୋଟି ଲୋକ ଭିନ୍ନ ଭିନ୍ନ ମାଧ୍ୟମରେ ଏହି ଘଟଣାର ପ୍ରତିଟି ମୁହୂର୍ତ୍ତର ସାକ୍ଷୀ ହେଉଥିଲେ । ଇସ୍ରୋର ୟୁ-ଟ୍ୟୁବ୍ ଲାଇଭ୍ ଚ୍ୟାନେଲ୍ରେ ୮୦ ଲକ୍ଷରୁ ଅଧିକ ଲୋକ ଏହି ଘଟଣାକୁ ଦେଖିଲେ, ଯାହା ଏକ ରେକର୍ଡ଼ । ଏଥିରୁ ଜଣାପଡୁଛି ଯେ, ଚନ୍ଦ୍ରଯାନ-୩ ସହ କୋଟି କୋଟି ଭାରତୀୟଙ୍କ କେତେ ଗଭୀର ଭାବାବେଗ ଜଡ଼ିତ ହୋଇରହିଛି । ଚନ୍ଦ୍ରଯାନର ଏହି ସଫଳତା ପରେ ଦେଶରେ ଏବେ ଗୋଟିଏ ସୁନ୍ଦର କୁଇଜ୍ ପ୍ରତିଯୋଗିତା ମଧ୍ୟ ଚାଲିଛି, ଯାହାକୁ ଚନ୍ଦ୍ରଯାନ-୩ ମହାକୁଇଜ୍ ନାମରେ ନାମିତ କରାଯାଇଛି । ମାଇ ଗଭ୍ ପୋର୍ଟାଲ୍ରେ ଚାଲିଥିବା ଏହି ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ୧୫ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିସାରିଲେଣି । ମାଇ ଗଭ୍ ଆରମ୍ଭ ହେବାପରେ କୌଣସି କୁଇଜ୍ ପ୍ରତିଯୋଗିତାରେ ଏହା ସର୍ବାଧିକ ଅଂଶଗ୍ରହଣ । ଯଦି ଆପଣ ଏ ଯାଏଁ ଏଥିରେ ଅଂଶଗ୍ରହଣ କରିନାହାନ୍ତି, ତାହେଲେ ବିଳମ୍ବ ନ କରି ଏଥିରେ ଅଂଶଗ୍ରହଣ କରିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଏଥିପାଇଁ ଆଉ ମାତ୍ର ଛଅ ଦିନ ସମୟ ଅଛି । ଏହି କୁଇଜ୍ରେ ନିଶ୍ଚୟ ଭାଗ ନିଅନ୍ତୁ । ସେ କହିଛନ୍ତି ଯେ, ଚନ୍ଦ୍ରଯାନ-୩ ର ସଫଳତା ପରେ ଜି-୨୦ର ଭବ୍ୟ ଆୟୋଜନ ପ୍ରତ୍ୟେକ ଭାରତୀୟଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଛି । ଭାରତ ମଣ୍ଡପମ୍ ସ୍ୱୟଂ ପ୍ରସିଦ୍ଧି ଲାଭ କରିସାରିଛି । ଲୋକେ ଏହାସହିତ ସେଲ୍ଫି ଉଠାଉଛନ୍ତି ଏବଂ ଗର୍ବର ସହିତ ଏହାକୁ ପୋଷ୍ଟ ମଧ୍ୟ କରୁଛନ୍ତି । ଭାରତ ଏହି ସମ୍ମିଳନୀରେ ଆଫ୍ରିକାନ୍ ୟୁନିଅନ୍କୁ ଜି-୨୦ର ଏକ ପୂର୍ଣ୍ଣାଙ୍ଗ ସଦସ୍ୟ ରୂପେ ସାମିଲ କରାଇ ନିଜର ସଶକ୍ତ ନେତୃତ୍ୱର ପରିଚୟ ଦେଇଛି। ଆପଣମାନେ ଜାଣିଥିବେ, ଭାରତ ଯେତେବେଳେ ବହୁତ ସମୃଦ୍ଧ ଦେଶ ଥିଲା, ସେହି ଯୁଗରେ ଆମ ଦେଶ ଓ ବିଶ୍ୱରେ ସିଲ୍କ ରୁଟ୍ ବିଷୟରେ ବହୁତ ଆଲୋଚନା ହେଉଥିଲା । ଏହି ସିଲ୍କ ରୁଟ୍ ବ୍ୟବସାୟ ବାଣିଜ୍ୟର ବହୁତ ବଡ଼ ମାଧ୍ୟମ ଥିଲା । ଏବେ ଆଧୁନିକ ଯୁଗରେ ଭାରତ ଆଉ ଏକ ଇକନମିକ୍ କରିଡର୍ ସମ୍ପର୍କରେ ଜି-୨୦ରେ ପ୍ରସ୍ତାବ ଦେଇଛି । ଏହା ହେଉଛି ଇଣ୍ଡିଆ-ମିଡିଲ୍ ଇଷ୍ଟ - ୟୁରୋପ ଇକନମିକ୍ କରିଡର୍ । ଏହି କରିଡର୍ ଆଗାମୀ ଶହ ଶହ ବର୍ଷ ଧରି ବିଶ୍ୱ ବାଣିଜ୍ୟର ଆଧାର ହେବାକୁ ଯାଉଛି ଏବଂ ଇତିହାସ ଏହାକୁ ସର୍ବଦା ମନେ ରଖିବ ଯେ ଏହି କରିଡର୍ ର ସୂତ୍ରପାତ ଭାରତ ଭୂମିରେ ହୋଇଥିଲା ।ଜି-୨୦ ସମୟରେ ଭାରତର ଯୁବଶକ୍ତି ଯେଉଁଭଳି ଭାବରେ ଏହି ଆୟୋଜନ ସହ ଜଡ଼ିତ ହେଲେ ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିବାର ଆବଶ୍ୟକତା ରହିଛି । ବର୍ଷତମାମ ଦେଶର ଅନେକ ବିଶ୍ୱ ବିଦ୍ୟାଳୟମାନଙ୍କରେ ଜି-୨୦ ସମ୍ପର୍କିତ କାର୍ଯ୍ୟକ୍ରମମାନ ଆୟୋଜିତ ହେଲା । ଏବେ ଏହି କ୍ରମରେ ଦିଲ୍ଲୀରେ ଆଉ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ଜି-୨୦ ୟୁନିଭର୍ସିଟି କନେକ୍ଟ ପ୍ରୋଗ୍ରାମ୍ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ଦେଶର ଲକ୍ଷ ଲକ୍ଷ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପରସ୍ପରର ସଂସ୍ପର୍ଶରେ ଆସିବେ । ଏଥିରେ ଆଇଆଇଟି, ଆଇଆଇଏମ୍, ଏନ୍ଆଇଟି ଏବଂ ମେଡିକାଲ୍ କଲେଜ୍ ଭଳି ଅନେକ ପ୍ରତିଷ୍ଠିତ ସଂସ୍ଥାନ ମଧ୍ୟ ଅଂଶଗ୍ରହଣ କରିବେ ।

## ଅବହେଳିତ ଅବସ୍ଥାରେ ସିଦ୍ଧବକୁଳ ପୀଠ : ମନ୍ଦିର ମୁଖଶାଳା ଛାତରୁ ଗଳୁଛି ପାଣି

ପୁରୀ,୨୪।୯(ପି.ଏନ): ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ । ସାକ୍ଷିଗୋପାଳ ସ୍ଥିତ ବକୁଳବନର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧବକୁଳ । ଏହି ସିଦ୍ଧବକୁଳ ପୀଠରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ । ସିଦ୍ଧବକୁଳଙ୍କୁ ପୁରୀ ଶ୍ରୀଜଗନ୍ନାଥଙ୍କ ଅଜା ବୋଲି ମଧ୍ୟ କୁହାଯାଏ । ସାକ୍ଷିଗୋପାଳ ମନ୍ଦିରର ପଛ ପାଖ ବକୁଳବନକୁ ଲାଗି ଏହାର ଅବସ୍ଥିତି । ସାକ୍ଷିଗୋପାଳ - ଅଳଗୁମ ରାସ୍ତାର ପଂଚସଖା ପଡ଼ିଆ ଅତିକ୍ରମ କରିବା ପରେ ରାସ୍ତାରେ ବାମ ପାର୍ଶ୍ୱରେ ପଡିଥାଏ ଏହି ମନ୍ଦିର। ପ୍ରାୟ ୨୦୦ ବର୍ଷ ପୁରାତନ ଏହି ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦେଖାଯାଉଛି । ଛାତରୁ ସ୍ଥାନେ ସ୍ଥାନେ ସିମେଂଟ କଂକ୍ରିଟ ଖସିଲାଣି । ବର୍ଷାଦିନ ଛାତର ଫାଟରୁ ପାଣି ଗଳୁଛି । ବିଶେଷ କରି ଉପଯୁକ୍ତ ରକ୍ଷଣାବେକ୍ଷଣାର ଅଭାବରୁ ଏଭଳି ସ୍ଥିତିରେ ପହଂଚିଛି ମନ୍ଦିର ମୁଖଶାଳାର ଛାତ । ଏତଦ୍ ବ୍ୟତୀତ ଠାକୁରଙ୍କ ସ୍ନାନ ମଣ୍ଡପ ଭାଙ୍ଗିରୁଜି ଗଲାଣି । ରୋଷଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ପହଂଚିଥିବା ବେଳେ କିଛି ବର୍ଷ ପୂର୍ବେ ଏହାକୁ ଲାଗି ନିର୍ମାଣ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ କମ୍ୟୁନିଟି ସେଂଟର ସମ୍ପ୍ରତି ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ଦେଢ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପୁରୀ, ପକ୍ଷରୁ ଏହାର ନିର୍ମାଣ ଯୋଜନା ହୋଇଥିଲା, ଯାହା ଏଠାରେ ଲାଗିଥିବା ଫଳକରୁ ଜଣାପଡିଛି। ତେବେ ଅଦ୍ୟାବଧି ଏହା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ସେହିପରି ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ପିଇବା ପାଣି, ଶୌଚାଳୟ ଓ ଆଲୋକୀକରଣ ସୁବିଧା ନାହିଁ । ପିଇବା ପାଣି ପାଇଁ ଓ ଠାକୁରଙ୍କ ରୋଷେଇ ନିମିତ ପାଣି ପାଇଁ ମନ୍ଦିର ପରିସରରେ ରହିଥିବା କୂଅ ପାଣି ବ୍ୟବହାର କରାଯାଇଥାଏ । ସେହିପରି ମନ୍ଦିର ଚର୍ତୁପାର୍ଶ୍ୱରେ ପାଚେରୀ ନଥିବାରୁ ବୁଲା ଗାଈଗୋରୁ, ଷଣ୍ଢ, କୁକୁର ଏହା ମଧ୍ୟରେ ଅନେକ ସମୟରେ ଶୋଇରହୁଥିବାର ଦେଖିବାକୁ ମିଳେ । ମନ୍ଦିରର ପୂଜକ ସୋମନାଥ ମହାପାତ୍ରଙ୍କ କହିବା ଅନୁଯାୟୀ, ସିଦ୍ଧବକୁଳ ମନ୍ଦିର ପ୍ରାୟ ୨୦୦ ବର୍ଷ ପୁରାତନ । ପ୍ରଥମେ ଏଠାରେ ଏକ ବକୁଳ ଗଛ ମୂଳରେ ପୂଜା ପାଉଥିଲେ ଠାକୁର । ସିଦ୍ଧବକୁଳଙ୍କ ମହିମା ପ୍ରଚାରିତ ହେବାପରେ ମନ୍ଦିର ନିର୍ମାଣ କରାଯାଇଥିଲା । ପୁରୀ ଶ୍ରୀମନ୍ଦିର ସହିତ ସିଦ୍ଧବକୁଳ ମନ୍ଦିର ଓତଃପ୍ରୋତଃ ଭାବେ ଜଡ଼ିତ । ରଥଯାତ୍ରା ସମୟରେ କାଳିଆ ଠାକୁର ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଯେତେବେଳେ ନବଦିନାତ୍ମକ ଯାତ୍ରାରେ ରତ୍ନବେଦିରୁ ଯଜ୍ଞବେଦିକୁ ଯାତ୍ରା କରିଥାନ୍ତି, ସେତେବେଳେ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଲାଗି ହୋଇଥାଏ । ଏହି ସେନାପଟା ବା ବକୁଳ ଗଛର କାଠ ଏଠାରୁ (ତାଙ୍କ ଅଜାଘରୁ) ନିଆଯିବାର ପରମ୍ପରା ରହିଛି, ଯାହାକି ବହୁ ପୁରାତନ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଏହି ସେନା ପଟା ଏଠାରୁ ନିଆଯାଇଥାଏ । ସେହିପରି ଶ୍ରୀମନ୍ଦିରରେ ରହିଥିବା ବିଭିନ୍ନ ନୀତିକାନ୍ତି ଓ ପର୍ବପର୍ବାଣୀ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା, ସ୍ନାନଯାତ୍ରା ଏବଂ ନବକଳେବର ଆଦି ଅନୁଷ୍ଠିତ ହୋଇଥାଏ । ତେବେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣା ଅଭାବରୁ ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦିଶୁଛି । ବର୍ଷାଦିନେ ଅସରାଏ ବର୍ଷା ହେଲେ ଛାତର ଫାଟରୁ ପାଣି ଗଳୁଛି । ୧୦ ବର୍ଷ ମଧ୍ୟରେ ୨ ଥର ଛାତର ଗ୍ରାଉଟିଂ କରାଯାଇଥିଲେ ସମ୍ପ୍ରତି ଏହା ଏବେ ଦୁର୍ବଳ ଅବସ୍ଥାରେ ପହଂଚିଲାଣି । ଏତଦ୍ ବ୍ୟତୀତ ଅଂଚଳର ଗରିବ ଲୋକମାନେ ସେମାନଙ୍କ ବିବାହ, ବ୍ରତ ଘର ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟ ଏହି ମନ୍ଦିରରେ କରାଇଥାନ୍ତି, ତେବେ ପୀଠରେ ଆବଶ୍ୟକ ସୁବିଧା ନଥିବାରୁ ସେମାନେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଜିଲ୍ଲାପାଳ, ସର୍ବୋପରି ରାଜ୍ୟ ସରକାରଙ୍କ ଫାଇଭ୍-ଟି ସଚିବ ଏ ଦିଗରେ ଦୃଷ୍ଟି ଦେବା ସହ ପୀଠର ଉନ୍ନତିକରଣ ଦିଗରେ ପଦକ୍ଷେପ ନେବାକୁ ଅଂଚଳବାସୀ ଓ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

## ଘାସ କାଟିବାକୁ ଯାଇଥିଲେ; ବଜ୍ରପାତ ହେବାରୁ ଟଳି ପଡିଲେ ମହିଳା



ଭୁବନେଶ୍ୱର,୨୪।୯(ପି.ଏନ): ଘାସ କାଟିବା ପାଇଁ ବିଲକୁ ଯାଇଥିଲେ। ବଜ୍ରପାତ ହେବାରୁ ଡର ଡର ହୋଇ ଘରକୁ ଫେରୁଥିଲେ। ହେଲେ ଘରେ ପହଞ୍ଚିବା ପୂର୍ବରୁ ଚ଼ାଲିଗଲା ଜୀବନ। ଏପରି ହୃଦୟବିଦାରକ ଘଟଣା ନବରଙ୍ଗପୁର ଜିଲ୍ଲା ଝରୀଗାଁ ଅଞ୍ଚଳରେ ଘଟିଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୨୫

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



ସୌର ଚନ୍ଦ୍ର ମହାପାତ୍ର

ସଂଗଠକ, ସମାଜ ସୁଧାରକ, ଦକ୍ଷ ରାଜନୀତିଜ୍ଞ ତଥା ମାନବବାଦୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ । ଏଥିସହ ସେ ଭାରତୀୟ ଜନସଂଘର ଅଧ୍ୟକ୍ଷ ମଧ୍ୟ ଥିଲେ। ସନାତନ ବିଚାରଧାରାକୁ ଯୁଗାନୁକୂଳ ଭାବେ ପ୍ରସ୍ତୁତ କରି ସେ ଦେଶକୁ ଏକାତ୍ମ ମାନବବାଦର ଶିକ୍ଷା ଦେଇଥିଲେ। ୧୯୧୬ ସେପ୍ଟେମ୍ବର ୨୫ ଆଜିର ଦିନରେ ଉତ୍ତର ପ୍ରଦେଶର ମଥୁରା ଜିଲ୍ଲା ଚନ୍ଦ୍ରଭାନ ଠାରେ ତାଙ୍କ ଜନ୍ମ। ଆଠବର୍ଷ ବୟସରେ ତାଙ୍କ ପିତାମାତାଙ୍କ ଦେହାନ୍ତ ହୋଇଥିଲା। ମାମୁଁ – ମାଇଁଙ୍କ ତତ୍ତ୍ୱାବଧାନରେ ଦୀନଦୟାଲ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ। କଲେଜ ପଢ଼ିବା ବେଳେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଂସ୍ପର୍ଶରେ ଆସିଥିଲେ। ସଂଗଠନର ପ୍ରତିଷ୍ଠାତା କେ.ବି ହେଡ଼ଗେୱାରଙ୍କ ପରାମର୍ଶକ୍ରମେ ଦୀନଦୟାଲ ଆର୍‌ଏସ୍‌ଏସ୍‌ରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସେ ସଂଘର ପ୍ରଚାରକ ଭାବେ କାର୍ଯ୍ୟ କରିଥିଲେ। ସଂଘ ପ୍ରତି ତାଙ୍କ ନିଷ୍ଠା ଓ ଭଲପାଇବା ଦେଖି ତାଙ୍କୁ ଆଜୀବନ ସଦସ୍ୟ ମାନ୍ୟତା ମିଳିଥିଲା। ହିନ୍ଦୁତ୍ୱକୁ ସେ ସବୁବେଳେ ପ୍ରାଥମିକତା ଦେଉଥିଲେ। ହିନ୍ଦୁଧର୍ମ ରକ୍ଷା କ୍ଷେତ୍ରରେ ସେ ଜନସଚେତନତା କାର୍ଯ୍ୟକ୍ରମ କରୁଥିଲେ। ୧୯୬୭ରେ ଜନସଂଘର ଅଧ୍ୟକ୍ଷ ଭାବେ ଦୀନଦୟାଲ ନିର୍ବାଚିତ ହୋଇଥିଲେ। ୧୯୬୮ ଫେବୃଆରୀ ୧୧ରେ ରେଳ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୀନଦୟାଲ ଉପାଧ୍ୟାୟଙ୍କ ନାଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଚାଲୁ ରହିଛି। ଆଜିର ଅଖଣ୍ଡ ଭାରତ ପ୍ରସଙ୍ଗ ହେଉ ବା କାଶ୍ମୀରରୁ ୩୭୦ଧାରା ଉଚ୍ଛେଦ, ଭାରତର ଜାତୀୟତା, ସ୍ୱାଭିମାନ ଓ ସର୍ବୋପରି ଦେଶପ୍ରେମର ବହ୍ନି ଜାଳିଥିବା ଏହି କ୍ରାନ୍ତିକାରୀ ମହାପୁରୁଷଙ୍କର ଆଜିର ପବିତ୍ର ପୂଣ୍ୟତିଥିରେ ସମଗ୍ର ଭାରତ ବାସୀଙ୍କ ସହ ମୁଁ ଭକ୍ତି ନୈବେଦ୍ୟ ଅର୍ପଣ କରୁଛି।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି,
ସେକ୍ଟର-୬, କଟକ,

# ଇଣ୍ଡିଆ ପାଇଁ ଚ୍ୟାଲେଞ୍ଜ – ଆସନ ବୁଝାମଣା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ସାଧାରଣ ନିର୍ବାଚନ ଆହୁରି ଅଧିକ ସମୟ ବିଳମ୍ବ ରହିଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ଲିଆମେଂଟର ସ୍ୱତନ୍ତ୍ର ଅଧିବେଶନରେ କହିବା ପରେ ଆଗୁଆ ନିର୍ବାଚନ ନେଇ ରାଜନୈତିକ ମହଲରେ ଦୀର୍ଘଦିନ ଧରି ଚାଲିଥିବା କଳ୍ପନା-ଜଳ୍ପନାର ଅବସାନ ଘଟିଛି ସତ ମାତ୍ର ବିଜେପି ତଥା ଏନଡିଏକୁ ହରାଇବା ପାଇଁ ୨୮ଟି ରାଜନୈତିକ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଂଟର ଘନ ଘନ ବୈଠକ, ବିଚାର ବିମର୍ଷ ଦେଶରେ ନିର୍ବାଚନ ପ୍ରସ୍ତୁତି ନେଇ ରାଜନୈତିକ ବାତାବରଣକୁ ସକ୍ରୀୟ କରିଦେଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଇଣ୍ଡିଆ ନୁହେଁ, ବିଜେପି ନେତୃତ୍ୱରେ ଦୁଇ ଦଶନ୍ଧିରୁ ଅଧିକ ସମୟ ତଳେ ଗଠିତ ଏନଡିଏ ମେଂଟ ମଧ୍ୟ ପଛରେ ପଡିନାହିଁ। ଏହି ସମୟ ମଧ୍ୟରେ ଏନଡିଏ ନିଜର ସ୍ଥିତିକୁ ଦୃଢ଼ କରିପାରିଥିବା ବେଳେ ନିକଟରେ ଅନୁଷ୍ଠିତ ଏକ ବୈଠକରେ ୩୮ଟି ଦଳର ନେତା ଉପସ୍ଥିତ ଥିଲେ। ସେହିପରି କର୍ଣ୍ଣାଟକ ରାଜନୀତିରେ ଦବଦବା ଥିବା ଜେଡିଏସ(ଜନତା ଦଳ ଧର୍ମନିରପେକ୍ଷ)ର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡାଙ୍କ ନେତୃତ୍ୱାଧୀନ ଏନଡିଏରେ ସାମିଲ ହୋଇଛି। ସେହିପରି ଉଭୟ ବିଜେପି ଓ କଂଗ୍ରେସ ଠାରୁ ସମଦୂରତା ରକ୍ଷା କରି ଆସିଥିବା ବିଜେଡି, ୱାଇଏସଆର କଂଗ୍ରେସ, ବିଆରଏସ, ବହୁଜନ ସମାଜ ପାର୍ଟି ସମେତ କେତେକ ଆଂଚଳିକ ଓ ଜାତୀୟ ଦଳ, ଯେଉଁ ଦଳଗୁଡିକର ନିର୍ଦ୍ଦିଷ୍ଟ ରାଜ୍ୟରେ ବେଶ୍ ପ୍ରଭାବଶାଳୀ ରହିଛନ୍ତି, ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନଥିଲେ ମଧ୍ୟ କେନ୍ଦ୍ରରେ ବିଭିନ୍ନ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରି ଆସିଥିବା ବହୁ ନଜୀର ରହିଛି। ତେବେ ସେ ଯାହା ହେଉନା କାହିଁକି, ଲୋକସଭା ନିର୍ବାଚନ ଆହୁରି ୬ମାସ ବାକିଥିବାବେଳେ ପ୍ରସ୍ତୁତି ନେଇ ଯେ, ତତ୍ପରତା ଲାଗି ରହିଛି। ଏହାକୁ ଅସ୍ୱୀକାର କରି ହେବ ନାହିଁ। ନବଗଠିତ ଇଣ୍ଡିଆ ପାଇଁ ଆଗାମୀ ସାଧାରଣ ନିର୍ବାଚନ ଯେ, ଏକ ଚ୍ୟାଲେଞ୍ଜ ଏଥିରେ ସନ୍ଦେହ ନାହିଁ। ତେବେ ମେଂଟ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଭାବେ ଆସନ ବୁଝାମଣା ଉଭା ହୋଇଛି। ବିଜେପି ବିରୁଦ୍ଧରେ ୫୪୩ଟି ଲୋକସଭା ଆସନ ମଧ୍ୟରୁ ୪୦୦ ଆସନରେ ଦଣକୁ ଜଣେ ପ୍ରାର୍ଥୀ ପଠେଇ ଇଣ୍ଡିଆ ଘୋଷଣା କରିଛନ୍ତି। ଏହର ସମ୍ଭବ ହେବ, ଯେତେବେଳେ ସମସ୍ତ ଇଣ୍ଡିଆ ଭୁକ୍ତ ଦଳକୁ କିଛି ନା କିଛି ତ୍ୟାଗ ସ୍ୱୀକାର କରିବାକୁ ପଡିବ। ଆହୁରି ମଧ୍ୟ ଯେଉଁ ରାଜ୍ୟଗୁଡିକରେ ବିଜେପି ପ୍ରଭାବହୀନ, ସେହି ରାଜ୍ୟଗୁଡିକରେ ମେଂଟରକୁ ଦଳଗତ ମଧ୍ୟରେ ସିଧାସଳଖ୍ ପ୍ରତିଦ୍ୱନ୍ଦିତା ହେବ, ଯାହାର ପ୍ରଭାବ ଅନ୍ୟ ରାଜ୍ୟଗୁଡିକରେ ପଡିବା ସମ୍ଭାବନାକୁ ଅଣଦେଖାଯାଇ ନପାରେ। କହିବା ବାହୁଲ୍ୟ ଯେ, ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ଏକ ଇଣ୍ଡିଆ'ର ବେଶ ପ୍ରଭାବ ରହିଛି ଏବଂ ବିଜେପି ଏକ ପ୍ରକାର ପ୍ରଭାବଶୂନ୍ୟ ଅବସ୍ଥାରେ ରହିଛି। ଦକ୍ଷୀଣ ଭାରତୀୟ ରାଜ୍ୟମାନଙ୍କରେ ୧୩୧ଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଥିବାବେଳେ ସେଠାରେ ଇଣ୍ଡିଆ ଉତମ ଫଳ ପ୍ରଦର୍ଶନ ପାଇଁ ଆଶା ରହିଛି। ମାତ୍ର ଏହା ଏହା ଏତେ ସହଜ ହୋଇନପାରେ। ଏଲଡିଏଫ ଏବଂ ସିପିଏମ ନେତୃତ୍ୱରେ ବାମପନ୍ଥୀ ମେଂଟ ପ୍ରଭାବଶାଳୀ। ଯେଉଁଠାରେ ଦୁଇ ଅଂଶୀଦାର କଂଗ୍ରେସ ଓ ବାମପନ୍ଥୀଙ୍କ ମଧ୍ୟରୁ ପ୍ରତିଦ୍ୱନ୍ଦିତା ହେବା ସମ୍ଭାବନା ରହିଛି। ବିଜେପି ବିରୁଦ୍ଧରେ ଜଣଙ୍କୁ ଜଣେ ପ୍ରାର୍ଥୀ ଦେବା ପ୍ରଶ୍ନ କେରଳରେ ଆଦୌ ଉଠି ନପାରେ। ସେହିପରି ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳକ କଂଗ୍ରେସ, ଯେ କି ଏବେ ଇଣ୍ଡିଆ ମେଂଟରେ ସେଠାରେ ଉଭୟ କଂଗ୍ରେସ ଓ ସିପିଏମକୁ ଦଳ ଦୃଢ ବିରୋଧ୍ କରିଆସୁଛି। ପଶ୍ଚିମବଙ୍ଗରେ ବିଜେପି ବିରୁଦ୍ଧରେ ଉଭୟ କଂଗ୍ରେସ ଓ ବାମପନ୍ଥୀ ଦଳଙ୍କୁ ଅଧିକ ଆସନ ଦେବାକୁ ବିରୁଦ୍ଧରେ ଉଭୟ କଂଗ୍ରେସ ସ ବାମପନ୍ଥୀ ଦଳଙ୍କୁ ଅଧିକ ଆସନ ଦେବାକୁ ତୃଣମୂଳ କଂଗ୍ରେସ ଆଦୌ ଚାହିଁବ ନାହିଁକି ଚାହୁଁନାହିଁ? ଉଲ୍ଲେଖଯୋଗ୍ୟ ତଥା, ଗତ ବିଧାନସଭାର ନିର୍ବାଚନରେ ଉଭୟ କଂଗ୍ରେସ ସିପିଏମ ଖାତା ଖୋଲି ପରିନଥିବାବେଳେ ଉପ- ନିର୍ବାଚନରେ କଂଗ୍ରେସ ଗୋଟିଏ ଆସନ ହାତେଇବା ସମୟରେ ଶେଷରେ ସେ ତୃଣମୂଳକ କଂଗ୍ରେସରେ ସାମିଲ ହୋଇଛନ୍ତି। ତାମିଲନାଡୁ ଓ କର୍ଣ୍ଣାଟକରେ ଯଥାକ୍ରମେ ଡିଏମକେ ଓ କଂଗ୍ରେସ ସରକାର ଥିବା ଯୋଗୁଁ ଇଣ୍ଡିଆ ଉତମ ଫଳ ଯଥାକ୍ରମେ ଡିଏମକେ ଓ କଂଗ୍ରେସ ସରକାର ଥିବା ଯୋଗୁଁ ଇଣ୍ଡିଆ ଉତମ ଫଳ ପ୍ରଦର୍ଶନ କରିବା ନେଇ ଦୃଢ଼ ଆଶାବାଦୀ ଥିବାବେଳେ ଆନ୍ଧ୍ର ଓ ତେଲେଙ୍ଗାନାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଆସନ୍ନ ହୋଇପଡିଛି। ଆନ୍ଧ୍ରରେ କ୍ଷମତାସୀନ ୱାଇଏସଆର କଂଗ୍ରେସ କୌଣସି ମେଂଟରେ ନଥିବାବେଳେ ଅନ୍ୟତମ ଆଂଚଳିକଦଳ ତେଲୁଗୁ ଦେଶମ୍ ପାର୍ଟି, କଂଗ୍ରେସ ଓ ବିଜେପି ମଧ୍ୟରେ ଚର୍ତୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହାଇପାରେ। ତେଲୁଗୁ ଦେଶମ୍ ପାର୍ଟି ବିଜେପି ସହ ମେଂଟ ଭୁକ୍ତ ହେବା ନେଇ ରିପୋର୍ଟ ପ୍ରକାଶ ପାଇଥିବା ସତ୍ୱେ ଏହା ଏବେ ହଗ ନୁହେଁ, ଅତୀତରେ ମୋଦୀଙ୍କ କାର୍ଯ୍ୟକଳାପକୁ ବିରୋଧକୁ କରି ତେଲୁଗୁ ଦେଶମ ପାର୍ଟି ଦୁଇଦୁଇଥର ଏନଡିଏ ରୁ ଓହରି ଥିବା ବେଳେ ବିଜେପି ଏବେ ତାକୁ ବିଶ୍ୱାସକୁ ନେଉନାହିଁ। ସେହିପରି ୱାଇଏସ ଆର କଂଗ୍ରେସ ୨୨ଟି ଲୋକସଭା ଆସନରେ ଗତ ୨୦୧୦ରେ ଅକ୍ତିଆର କରିଥିବାବେଳେ ବିଜେପି ଖାତା ଖୋଲି ପାରିନଥିଲା। ତେଣୁ ବିଜେପିକୁ ଖାତା ଖୋଲିବାକୁ ୱାଇଏସଆର କଂଗ୍ରେସ ସୁଯୋଗ ଦେବା ଆଶାକ୍ଷୀଣ। ତେଲେଙ୍ଗାନାରେ ମଧ୍ୟ ଅନୁରୂପ ସ୍ଥିତ। କ୍ଷମତାସୀନ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆରଏସ ଉଭୟ କଂଗ୍ରେସ ଓ ବିଜେପୀର ଦୃଢ ବିରୋଧି ଯେଉଁଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଆସନ୍ନ। ତେଣୁ ଦକ୍ଷିଣରେ ଇଣ୍ଡିଆ ପାଇଁ ମଧ୍ୟ ଏକ ଚ୍ୟାଲେଞ୍ଜ ହେବ ଏଥିରେ ସନ୍ଦେହ ନାହିଁ। ଏହା ନିଶ୍ଚିତ ଯେ, ଲୋକସଭା ନିର୍ବାଚନ ପୂର୍ବରୁ ୫ଟି ରାଜ୍ୟ ତଥା ଛତିଶଗଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ପାଂଚଟି ରାଜା ମଧ୍ୟରୁ ୩ଟି ତଥା ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ-ବିଜେପି ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ପାଂଚ ରାଜ୍ୟର ଫଳାଫଳ ଲୋକସଭା ନିର୍ବାଚନ ପୂର୍ବରୁ ସେମି ଫାଇନାଲ ଏଥିରେ କିପରି ଆସନ ବୁଝାମଣା କରୁଛି, ତାହା କେବଳ ବିଧାନଭସାର ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବ ନାହିଁ। ଲୋକସଭା ପାଇଁ ମଧ୍ୟ ପଥପ୍ରଦର୍ଶନ ହେବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ, ୨
ମୋବାଇଲ ନଂ-୯୪୩୭୯୯୪୩୭୯

# ସ୍ୱାସ୍ଥ୍ୟ ସେବାରେ ଫାର୍ମାସିଷ୍ଟ



ଦେବୀ ପ୍ରସାସ ଲେଙ୍କା

ବର୍ତ୍ତମାନର ଆଧୁନିକ ଯୁଗରେ ଚିକିତ୍ସା ବିଜ୍ଞାନର ଯଥେଷ୍ଟ ଉନ୍ନତି ଘଟିଛି। ଉନ୍ନତମାନର ଚିକିତ୍ସା ତଥା ଔଷଧ ଦ୍ୱାରା ବହୁ ଦୂରାରୋଗ ଭଲ ହେଉଥିବା ଦେଖିବାକୁ ମିଳୁଛି। ତେବେ ଉନ୍ନତମାନର ଔଷଧ ପ୍ରସ୍ତୁତ କରି ସମାଜକୁ ରୋଗ ମୁକ୍ତ ରଖୁଥିବା ଫାର୍ମାସିଷ୍ଟଙ୍କୁ ଏହାର ଶ୍ରେୟ ଯାଉଛି। ଫାର୍ମାସିଷ୍ଟଙ୍କ କାର୍ଯ୍ୟଦକ୍ଷତାକୁ ଲୋକଲୋଚନକୁ ଆଣିବା ତଥା ସେମାନଙ୍କୁ ସାଧୁବାଦ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୫କୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ଭାବେ ପାଳନ କରାଯାଉଛି। ଔଷଧ ପ୍ରସ୍ତୁତି ପାଇଁ ବ୍ୟବହୃତ ହେଉଥିବା ଜ୍ଞାନ କୌଶଳ ତଥା ବିଜ୍ଞାନକୁ ଫାର୍ମାସୀ କୁହାଯାଏ। ଉଭୟ ଚିକିତ୍ସା ଓ ରସାୟନ ବିଜ୍ଞାନର ମିଶ୍ରଣ ହେଉଛି ଫାର୍ମାସୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ପ୍ରାୟ ୨.୬ ମିଲିୟନ ଫାର୍ମାସିଷ୍ଟ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଅନ୍ତର୍ଜାତୀୟ ଫାର୍ମାସିୟୁଟିକାଲ ଫେଡେରେସନ ପକ୍ଷରୁ ୨୦୦୯ ମସିହାରେ ତୁର୍କୀର ଇସ୍ତାନବୁଲରେ ପ୍ରଥମେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ଅନୁଷ୍ଠାନ ବିଭିନ୍ନ ଥିମ୍ ମାଧ୍ୟମରେ ଲୋକଙ୍କୁ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ସଚେତନ ସୃଷ୍ଟି କରୁଛି। ଅନେକ ହୁଏତ ଜାଣି ନଥାନ୍ତି ଚିକିତ୍ସା ସେବାରେ ଡାକ୍ତରଙ୍କ ପରେ ସବୁଠାରୁ ଗୁରୁଦାୟିତ୍ୱ ଫାର୍ମାସିଷ୍ଟଙ୍କ ଉପରେ ନ୍ୟସ୍ତ ରହିଥାଏ। ଔଷଧର ବ୍ୟବହାର ପ୍ରଣାଳୀ ଠାରୁ କୌଣସି ଅସ୍ତ୍ରୋପଚାରରେ ସହାୟତା ହେଉ, ଯେକୌଣସି ତତ୍କାଳ ଆନୁସଙ୍ଗିକ ଚିକିତ୍ସା ସେବା କ୍ଷେତ୍ରରେ ଏହି ଫାର୍ମାସିଷ୍ଟ ବା ଭେଷଜ ତତ୍ତ୍ୱାବଧାରକଙ୍କ ଭୂମିକା କଳ୍ପନାର ବାହାରେ। କିନ୍ତୁ ଅନେକ ସମୟରେ ସେମାନେ ଭୁଲ ବୁଝାମଣାର ଶିକାର ହୋଇ ଅନେକ ଅସୁବିଧାକୁ ବି ସାମ୍ନା କରିଥାନ୍ତି। ରାଜ୍ୟରେ କିଛିଦିନ ହେଲା ଫାର୍ମାସିଷ୍ଟ ମାନଙ୍କର କିଛି ଦାବୀ ନେଇ ସ୍ୱାସ୍ଥ୍ୟସେବାରେ ଅଚଳାବସ୍ଥା ଦେଖାଦେଇଛି। ତେବେ ଫାର୍ମାସିଷ୍ଟ ମାନଙ୍କ ଭୂମିକା ଯେଉଁପରି ଗୁରୁତ୍ୱପୂର୍ଣ୍ଣ ଏ କ୍ଷେତ୍ରରେ ସରକାରୀ ସହଯୋଗ ଓ ପ୍ରୋତ୍ସାହନ ଜରୁରୀ ମନେହୁଏ। ସୂଚନାଯୋଗ୍ୟ, ଏଣିକି ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀ ଦେଖିପାରିବେ ଏବଂ ଔଷଧ ଦେଇପାରିବେ ବୋଲି ରାଜ୍ୟ ସରକାର ଗତ ବର୍ଷ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଯେଉଁ ହସ୍ପିଟାଲରେ ଡାକ୍ତର ନାହାନ୍ତି ସେଠାରେ ବୁଝାଶୁଝା କରୁଥିବା ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରିପାରିବେ। ଏଥିପାଇଁ ସରକାର ବିଧିବଦ୍ଧ ଅନୁମତି ଦେଇଛନ୍ତି। ଏଥିପାଇଁ ସେମାନେ କେଉଁ ରୋଗ ପାଇଁ କେଉଁ ଔଷଧ ଦେବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଲିକା ପ୍ରସ୍ତୁତ କରି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫାର୍ମାସିଷ୍ଟମାନେ ଲକ୍ଷଣଯୁକ୍ତ ଜ୍ୱର ପାଇଁ ପାରାସିଟାମଲ, ଆଜିଥ୍ରୋମାଇସିନ, ସେଫିକ୍ସାଜାଇମ୍, ଆମୋକ୍ସିସିଲିନ୍ ମେଡ଼ିସିନ ଦେଇପାରିବେ। ସେହିପରି ମ୍ୟାଲେରିଆ, ଚର୍ମ ରୋଗ, ଝାଡ଼ାବାନ୍ତି ଓ ଅନ୍ୟ ରୋଗ ପାଇଁ ମଧ୍ୟ ଔଷଧ ତାଲିକା ଜାରି ହୋଇଛି। ଏହି ତାଲିକା ଅନୁସାରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ଦେଇପାରିବେ ବୋଲି ନିର୍ଦ୍ଦେଶ ରହିଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଏବଂ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ଫାର୍ମାସିଷ୍ଟମାନେ ରୋଗୀଟି ପାଇଁ ଦ୍ୱିତୀୟ ଭଗବାନ ସାଜିଥାନ୍ତି।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୩୨୬୬୮୦

# ରାଷ୍ଟ୍ରର 'ଚିତି' ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



ଡ. ସମନ୍ୱୟ ନନ୍ଦ

ଭାରତୀୟ ଚିନ୍ତନ ପରମ୍ପରାରେ ଜନ ସଂଘର ପୂର୍ବତନ ସଭାପତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ଥାନ ଖୁବ ଗୁରୁତ୍ୱପୂର୍ଣ ବୋଲି ମନେ କରା ଯାଏ । ଭାରତୀୟ ଚିନ୍ତନ ପରମ୍ପରାରେ ତାଙ୍କର ସ୍ଥାନ ଏଇଥି ପାଇଁ ରହିଛି ଯେ ସେ ପାଶ୍ଚାତ୍ୟ ଦାର୍ଶନିକ ଓ ବିଚାରକ ମାନଙ୍କର ଖଣ୍ଡିତ ଦର୍ଶନ ସ୍ଥାନରେ ଭାରତୀୟ ଜୀବନ ପଦ୍ଧତିରେ ସମାହିତ ଏକାତ୍ମ ମାନବ ଦର୍ଶନକୁ ଆଧୁନିକ ପରିପ୍ରେକ୍ଷୀରରେ ପ୍ରସ୍ତୁତ କରିଥିଲେ । ସେ କିଛି ନୂଆ ପ୍ରସ୍ତୁତ କରି ନଥିଲେ । ବରଂ ଭାରତୀୟ ମୁନି ଋଷି ମାନଙ୍କ ଦ୍ୱାରା ପ୍ରତିପାଦିତ ସେହି ହଜାର ହଜାର ବର୍ଷର ଦର୍ଶନକୁ ନୂଆ ପରିସ୍ଥିତିରେ ପ୍ରତିପାଦନ କରିଥିଲେ।

କେବଳ ଏକାତ୍ମ ମାନବ ଦର୍ଶନ ନୁହେଁ ସେ ରାଷ୍ଟ୍ରର ଚିତି ସମ୍ପର୍କରେ ମଧ୍ୟ ବ୍ୟାଖ୍ୟା କରିଥିଲେ। ପ୍ରତ୍ୟେକ ମଣିଷର, ଜୀବ, ଜନ୍ତୁ ମାନଙ୍କର ଆତ୍ମା ରହିଛି । ଭାରତୀୟ ବା ହିନ୍ଦୁ ସଂସ୍କୃତିର ସଂକଳ୍ପନାରେ ରାଷ୍ଟ୍ର କୌଣସି ନିର୍ଜୀବ ନୁହେଁ ବରଂ ଜୀବନ୍ତ ଏକକ ଅଟେ । ତେଣୁ ରାଷ୍ଟ୍ରର ମଧ୍ୟ ଆତ୍ମା ରହିଥାଏ । ଭାରତୀୟ ରାଷ୍ଟ୍ରର ଏହି ଆତ୍ମାକୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଚିତି ବୋଲି କହିଛନ୍ତି । ପଣ୍ଡିତ ଦୀନଦୟାଲ ତାଙ୍କର ଜୀବନ କାଳରେ ଏହାକୁ ନେଇ ଅନେକ ଥର ସ୍ପଷ୍ଟ କରିଛନ୍ତି ।

ପଣ୍ଡିତ ଦୀନଦୟାଲ କହନ୍ତି କୌଣସି ରାଷ୍ଟ୍ରର ଅସ୍ତିତ୍ୱ ତାର ଚିତି କାରଣରୁ ହୋଇ ଥାଏ । ଦୀନଦୟାଲ ମନେ କରନ୍ତି ଯେ ଭାରତୀୟ ରାଷ୍ଟ୍ରର ଉତଥାନ ଓ ପତନର ବାସ୍ତବିକ କାରଣ ଆମର ଚିତିର ପ୍ରକାଶ ବା ଅଭାବ କାରଣରୁ ହୋଇ ଥାଏ । ତେଣୁ ରାଷ୍ଟ୍ରର ଉତଥାନ ପାଇଁ ଦେଶର ଲୋକ ମାନଙ୍କ ମଧ୍ୟରେ ଭାରତର ଚିତି ସମ୍ପର୍କରେ ଅବଗତ ହେବାର ଆବଶ୍ୟକତା ରହିଛି ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ କହନ୍ତି ଆମର ରାଷ୍ଟ୍ର ଜୀବନର ଚିତି କଣ । ଆମର ଆତ୍ମାର ସ୍ୱରୂପ କଣ । ଏହି ସ୍ୱରୁପର ବ୍ୟାଖ୍ୟା କରିବା କଠିନ । ଏହାର ସାକ୍ଷାତକାର କରିବା ସମ୍ଭବ କିନ୍ତୁ ଯେଉଁ ମହାପୁରୁଷ ମାନେ ଏହି ରାଷ୍ଟ୍ରାତ୍ମାର ପୂର୍ଣ ସାକ୍ଷାତକାର କରିଛନ୍ତି, ଯାହାଙ୍କର ଜୀବନରେ ଚିତିର ପ୍ରକାଶ ଉଜ୍ଜ୍ୱଳତମ ଭାବରେ ରହି ଆସିଛି, ସେମାନଙ୍କର ଜୀବନକୁ ଦେଖିଲେ, ସେମାନଙ୍କର କାମ ଓ ଘଟଣାକୁ ବିଶ୍ଳେଷଣ କଲେ ଆମେ ଆମର ଚିତି ସମ୍ପର୍କରେ କିଛି ଝଲକ ପାଇ ପାରିବା ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ କହନ୍ତି ଆମର ରାଷ୍ଟ୍ର ଜୀବନ କାହା ଚାରିପଟେ ବୁଲିଥାଏ । ଆମର ରାଷ୍ଟ୍ରର କେଉଁ ତତ୍ୱକୁ ବଂଚାଇବା ପାଇଁ ଆମେ ବଡ ବଡ ଯୁଦ୍ଧ ଲଢିଛୁ । ଆମର ଅବତାର ମାନେ କେଉଁ କାରଣରୁ ଜନ୍ମ ନେଇଥିଲେ । ଏହି ପ୍ରଶ୍ନର ଉତର ଖୋଜିଲେ ଆମେ ଆମର ଚିତି ସମ୍ପର୍କରେ ଜାଣି ପାରିବା ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ କହନ୍ତି ଆମର ଶାସ୍ତ୍ରକାର ମାନେ ଏହାକୁ ଧର୍ମ ବୋଲି କହନ୍ତି । ତେବେ ଏହା ଇଂରାଜୀର ରିଲିଜନ ଶବ୍ଦର ସମାନାର୍ଥୀ ନୁହେଁ । ଧର୍ମର ଅର୍ଥ ଖୁବ ବ୍ୟାପକ । ଆମର ଧର୍ମ ହିଁ ଆମର ରାଷ୍ଟ୍ରର ଆତ୍ମା । ବିନା ଧର୍ମରେ ରାଷ୍ଟ୍ରଜୀବନର କୌଣସି ଅର୍ଥ ନାହିଁ । ଭାରତୀୟ ରାଷ୍ଟ୍ର ହିମାଳୟ ଠାରୁ ଆରମ୍ଭ କରି କନ୍ୟାକୁମାରୀ ଯାଏ ଥିବା ଭୂଖଣ୍ଡରୁ ତିଆରି ହୋଇ ପାରେ ନାହିଁ । ଭାରତର କୋଟି କୋଟି ଜନତାଙ୍କ ଦ୍ୱାରା ମଧ୍ୟ ଏହା ତିଆରି ହୋଇ ପାରିବ ନାହିଁ । ଏପରି ଏକ ସୁତା ଦରକାର ଯାହା ଏହି ଭୂଖଣ୍ଡ ଓ କୋଟି କୋଟି ଲୋକଙ୍କୁ ଏକ ସୂତ୍ରରେ ବାନ୍ଧି ପାରିବ । ଏହି ସୂତ୍ର ହେଉଛି ଆମର ଧର୍ମ । ବିନା ଧର୍ମରେ ଭାରତୀୟ ଜୀବନର ଚୈତନ୍ୟ ନଷ୍ଟ ହୋଇ ଯିବ, ଏହାର ପ୍ରେରକ ଶକ୍ତି ନଷ୍ଟ ହୋଇ ଯିବ ।

୩୦୧ ଖାରବେଳ ନଗର,
ଭୁବନେଶ୍ୱର
ମୋ : ୯୪୩୮୪୧୩୭୦୪

# ପଣ୍ଡିତ ଦୀନଦୟାଲ ଓ ଓଡ଼ିଶା

ଭୁବନାନନ୍ଦ ତ୍ରିପାଠୀ

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଆଜି ସାରା ଭାରତରେ ଜଣେ ବିଶିଷ୍ଟ ଦାର୍ଶନିକ ଭାବେ ପରିଚିତ। ଉତ୍ତରପ୍ରଦେଶର ମୋଗଲ ସରାଇ ରେଳଷ୍ଟେସନର ନାମ ପରିବର୍ତ୍ତନ କରାଯାଇ ତାଙ୍କ ନାଁରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଷ୍ଟେସନ କରାଯାଇଛି। ପଣ୍ଡିତଜୀ ଥିଲେ ଭାରତୀୟ ଜନସଂଘ ଦଳର ରାଷ୍ଟ୍ରୀୟ ସଭାପତି ସେତେବେଳେ ପଣ୍ଡିତଜୀଙ୍କର ବୟସ ଥିଲା ମାତ୍ର ୫୧ବର୍ଷ।

ପଣ୍ଡିତ ଦୀନଦୟାଲଙ୍କ ନାଁରେ ସାରା ଭାରତରେ ଅନ୍ୟ ଏକ ଯୋଜନା କାର୍ଯ୍ୟକାରୀ ହେଉଛି। ତାହାହେଲା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା । ଏହି ଯୋଜନା ମାଧ୍ୟମରେ ଦେଶସାରା ଅଳ୍ପ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସିଲେଇ, କମ୍ପ୍ୟୁଟର ତଥା ଇଲେକ୍ଟ୍ରିସିଆନ ଆଦି କୌଶଳ ଶିକ୍ଷା ପ୍ରଦାନ କରାଯାଉଛି। ଏବର୍ଷ ସୁଦ୍ଧା ୫କୋଟି ୫୦ଲକ୍ଷ ଯୁବକ ଯୁବତୀ ଏହି ଯୋଜନାରେ ଉପକୃତ ହୋଇଥିବା ସୂଚନା ମିଳିଛି। ଏହି ପ୍ରଶିକ୍ଷଣ ନେବା ପାଇଁ ଆସୁଥିବା ଶିକ୍ଷାର୍ଥୀମାନଙ୍କୁ ସରକାରଙ୍କ ତରଫରୁ ମାଗଣା ରହିବା ଓ ଖାଇବାର ସୁବିଧା ଯୋଗାଇ ଦିଆଯାଉଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅଧିନରେ କୌଶଳ ବିକାଶ ନାମରେ ଏକ ନୂତନ ବିଭାଗ ଖୋଲାଯାଇଛି।ପଣ୍ଡିତ ଦୀନଦୟାଲଙ୍କର ଅନ୍ୟ ଏକ ପରିଚୟ ହେଉଛି, ଦେଶର ଶାସକ ଦଳ ଭାରତୀୟ ଜନତା ପାର୍ଟି ତାଙ୍କରି ଆଦର୍ଶକୁ ବହନ କରି ଆଗେଇ ଚାଲିଛି। ବିଜେପି ଦଳର ସମସ୍ତ କାର୍ଯ୍ୟକ୍ରମରେ ଦୁଇ ଜଣ ହେଲେ ଅଗ୍ରପୂଜ୍ୟ; ଜଣେ ହେଲେ ଡ଼ଃ. ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ଦ୍ୱିତୀୟ ଜଣକ ହେଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ଦଳ ତରଫରୁ ବର୍ଷରେ ୬ଟି ବଡ଼ ଉତ୍ସବ ବୁଥସ୍ତର ପର୍ଯ୍ୟନ୍ତ ପାଳିତ ହୋଇଥାଏ। ତନ୍ମଧ୍ୟରୁ ଗୋଟିଏ ଉତ୍ସବ ହେଉଛି ସେପ୍ଟେମ୍ବର ମାସ ୨୫ତାରିଖ ଦୀନଦୟାଲଙ୍କ ଜନ୍ମଦିନ ଏବଂ ଅନ୍ୟ ଦିନଟି ହେଉଛି ଫେବୃଆରୀ ମାସର ୧୧ତାରିଖ, ତାଙ୍କର ତିରୋଧାନ ଦିବସ। ଆଜି ଦେଶରେ ଯେତେସବୁ ବିକାଶ ଯୋଜନା ଲାଗୁ ହେଉଛି, ସେ ସବୁକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏ ସମସ୍ତ ଯୋଜନା ପଛରେ ରହିଛି ଗୋଟିଏ ସୂକ୍ଷ୍ମ ତତ୍ତ୍ୱ, 'ଅଂତ୍ୟୋଦୟ' ଯାହାକି ପଣ୍ଡିତ ଦୀନଦୟାଲଙ୍କ ପ୍ରଦତ୍ତ 'ଏକାତ୍ମ ମାନବବାଦ' ଆର୍ଥିକ ଚିଂନର ଏକ ମୁଖ୍ୟ ବିନ୍ଦୁ। ସରକାରଙ୍କ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନବୀମା ଯୋଜନା, ସୁକନ୍ୟା ଯୋଜନା, ଅଟଳ ପେନ୍‌ସନ ଯୋଜନା, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଯୋଜନା ଏବଂ ଘରଘର ନଳ ଯୋଜନାମାନ ଏହି ଅଂତ୍ୟୋଦୟ ଆଦର୍ଶକୁ ପାଥେୟ କରି ଲାଗୁ କରାଯାଇଛି ଏବଂ ସମାଜର ସବୁଠାରୁ ତଳ ପାହାଚରେ ଥିବା ଲୋକେ ଏହାଦ୍ୱାରା ଉପକୃତ ହେଉଛନ୍ତି । ଜନଧନ ଯୋଜନାରେ ଜଣେ ସାଧାରଣ ଲୋକ ଆଜି ବିନା ଜମାରେ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରୁଛି ଏବଂ ବାର୍ଷିକ ୧୨ଟଙ୍କା କିସ୍ତି ଜମାଦେଇ ୨ଲକ୍ଷ ଟଙ୍କାର ବୀମା ସୁବିଧା ପାଇପାରୁଛି। ଏହିପରି ଅନେକ ଉଦାହରଣ ଆମ ଆଗରେ ରହିଛି।ପଣ୍ଡିତଜୀଙ୍କ ଅନାଥ ବାଲ୍ୟକାଳ, ଅଭାବଘେରା ଛାତ୍ରଜୀବନ ଏବଂ ଆଦର୍ଶ ସମର୍ପିତ ଯୌବନ ଉତ୍ତର ଭାରତର କିଛି ନିର୍ଦ୍ଦିଷ୍ଟ ଞ୍ଚଳରେ କଟିଥିଲା। ଉଚ୍ଚଶିକ୍ଷା ପ୍ରାପ୍ତିପରେ ଚାକିରୀ କରିବା ଏବଂ ପରିବାର ଗଢ଼ିବାର ମାର୍ଗକୁ ତ୍ୟାଗ କରି ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାର ନିଷ୍ପତ୍ତି ତାଙ୍କ ଜୀବନରେ ପ୍ରଥମ ମୋଡ଼ ଭାବେ ଆସିଥିଲା। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାଧାରଣ ସ୍ୱୟଂସେବକ ପଦରୁ ଯାତ୍ରା ଆରମ୍ଭ କରି ପ୍ରାନ୍ତ ପ୍ରଚାରକ ପଦ ପର୍ଯ୍ୟନ୍ତ ପହଞ୍ଚିଥିଲେ। ତାଙ୍କ ଜୀବନର ଦ୍ୱିତୀୟ ମୋଡ଼ ଆସି ପହଞ୍ଚିଥିଲା ୧୯୫୧ ମସିହାରେ ଯେତେବେଳେ ତତ୍‌କାଳୀନ ସଂଘ ମୁଖ୍ୟ ଗୁରୁଜୀ ତାଙ୍କୁ ଭାରତୀୟ ଜନସଂଘ ଦଳରେ ସାମିଲ କରାଇଥିଲେ । ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ଦେଶରେ ଏକ ରାଜନୈତିକ ଦଳର ମୂଳଦୁଆ ପକାଇବାରେ ମୁଖ୍ୟ ସହଯୋଗୀ ହେଲେ। ତାଙ୍କ ଜୀବନର ତୃତୀୟ ମୋଡ଼ ଆସିଥିଲା ଯେତେବେଳେ କାଶ୍ମୀର ସତ୍ୟାଗ୍ରହରେ ଭାଗନେଇ ଡ଼. ଶ୍ୟାମାପ୍ରସାଦଙ୍କର ଶ୍ରୀନଗର ସହରରେ ଅକାଳ ମୃତ୍ୟୁ ହେଲା ଏବଂ ମାତ୍ର ଦୁଇ ବର୍ଷର ପୁରୁଣା ରାଜନୈତିକ ଦଳର ବୁଝାରଖା ଦାୟିତ୍ୱ ଦୀନଦୟାଲଜୀଙ୍କ କାନ୍ଧରେ ନ୍ୟସ୍ତ କରାଗଲା। ପଣ୍ଡିତଜୀ ସବୁ ସମସ୍ୟା ଧୈର୍ଯ୍ୟର ସହିତ ସାମନା କରିଛନ୍ତି । ସବୁ ବାଧାବିଘ୍ନକୁ ବୁଦ୍ଧିମତ୍ତାର ସହିତ ସମାଧାନ କରିଛନ୍ତି । ୧୯୫୨ ମସିହାରେ ୩ଜଣ ଏମ୍.ପି.ଙ୍କୁ ନେଇ ଗଢ଼ିଉଠିଥିବା ଏହି ନୂତନ ଦଳର ୧୯୬୭ ମସିହାରେ ୩୫ଜଣ ସାଂସଦ ବିଜୟୀ ହୋଇଥିଲେ। ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟରେ ଗଠିତ ମେଞ୍ଚ ସରକାରରେ ଜନସଂଘ ଦଳ ଏକ ଅଂଶୀଦାର ହୋଇ ଉଭା ହେଲା। ଦଳର ପୃଷ୍ଠଭାଗରେ ରହି କାର୍ଯ୍ୟକରୁଥିବା ପଣ୍ଡିତଜୀ ୧୯୬୭ ମସିହାର ଡ଼ିସେମ୍ବର ମାସରେ କେରଳର କୋଝିକୋଡଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଅଧିବେଶନରେ ଅନିଚ୍ଛା ସତ୍ତ୍ୱେ ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସଭାପତି ପଦ ଅଳଙ୍କୃତ କରିବାର ମାତ୍ର ଦେଢ଼ ମାସ ପରେ ତାଙ୍କର ନିଧନ ହେବ, ଏବଂ ତାଙ୍କର ମୃତ ଶରୀର ଲୋକଲୋଚନର ଆଢୁଆଳରେ ରେଳଧାରଣା ପାର୍ଶ୍ୱରେ ମିଳିବ ଏହା ସମସ୍ତଙ୍କର କଳ୍ପନାତୀତ ଥିଲା। ପରବର୍ତ୍ତୀ କାଳରେ ତାଙ୍କ ହାତରେ ଗଢ଼ା ଜନସଂଘ ଦଳ ଜନତା ପାର୍ଟିରେ ବିଲୀନ ହୋଇଥିଲା ଏବଂ ପରେ ପରେ ୧୯୮୦ ମସିହାରେ ପଣ୍ଡିତଜୀଙ୍କ ବିଚାର ଆଧାରରେ ପ୍ରାରମ୍ଭ ହୋଇଥିବା 'ଭାରତୀୟ ଜନତା ପାର୍ଟି' ନିଜର ସାଂଗଠନିକ ଯାତ୍ରା ବଜାୟ ରଖି ଆଜି ଦେଶର ସର୍ବବୃହତ ରାଜନୈତିକ ଦଳଭାବେ ଉଭା ହୋଇଛି। ଏହି ଦଳ ଗତ ୯ବର୍ଷ ହେଲା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ଶାସନ ଭାର ସମ୍ଭାଳିଛି। ଦୀନଦୟାଲଜୀଙ୍କ ସହିତ ଓଡ଼ିଶା ପ୍ରଦେଶର ପରିଚୟ ଖୋଜି ବସିଲେ ଅଳ୍ପ କେତୋଟି ଘଟଣା ସାମ୍ନାକୁ ଆସିଥାଏ। ପ୍ରଥମରେ ୧୯୫୨ ମସିହାରେ ଅନୁଷ୍ଠିତ ଓଡ଼ିଶା ବିଧାନସଭା ନିର୍ବାଚନରେ ୫ଜଣ ପ୍ରାର୍ଥୀ ଜନସଂଘ ଦଳର ଟିକଟରେ ଲଢ଼ି ୨ଜଣ ବିଜୟୀ ହୋଇଥିଲେ। ସେମାନେ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ର। ଡ଼. ଶ୍ୟାମାପ୍ରସାଦଜୀଙ୍କ ବନ୍ଧୁ ହିସାବରେ ପଣ୍ଡିତ ନୀଳକଣ୍ଠ ଦାଶ ଏହି ନବଗଠିତ ରାଜନୈତିକ ଦଳରେ ଯୋଗଦେଇଥିଲେ ଏବଂ ଡ଼. ଶ୍ୟାମାପ୍ରସାଦଙ୍କ ଅକାଳ ମୃତ୍ୟୁ ପରେ ଦଳର କେନ୍ଦ୍ରୀୟ ସମିତି ସହିତ ଯୋଗାଯୋଗ ଅଭାବରୁ ଏହି ଦୁଇ ନେତା ଜନସଂଘ ଦଳ ଛାଡ଼ି କଂଗ୍ରେସ ଦଳରେ ମିଶିଯାଇଥିଲେ।

୧୯୫୩ ରୁ ୧୯୬୪ ପର୍ଯ୍ୟନ୍ତ ଉତ୍ତର ଭାରତରେ ଜନସଂଘ ଦଳର ସଂଗଠନକୁ ବିସ୍ତାର କରି ସୁଦୃଢ଼ କରିବା ପାଇଁ କାର୍ଯ୍ୟରତଥିବା ଦୀନଦୟାଲଜୀ ଓଡ଼ିଶା ଆସିବାର ସୁଯୋଗ ପାଇନଥିଲେ। ୧୯୬୪ ମସିହାରେ ଓଡ଼ିଶାରେ ଭାରତୀୟ ଜନସଂଘ ଦଳର ରାଜ୍ୟ ଶାଖା ଗଠନ ହୋଇଥିଲା। ସ୍ଥାନ ଥିଲା ଝାରସୁଗୁଡ଼ା ସ୍ଥିତ ରାଧାକୃଷ୍ଣ ଧର୍ମଶାଳା। ରାଜ୍ୟ ଶାଖାର ପ୍ରଥମ ସଭାପତି ହେଲେ ବରଗଡ଼ର ଓକିଲ ପଦ୍ମଲୋଚନ ପଣ୍ଡା, ସଂପାଦକ ହେଲେ ସମ୍ବଲପୁରର ଲାଲା ରଘୁନନ୍ଦନ ସାଏଦେଓ ଏବଂ ସଂଗଠନ ସଂପାଦକ ହେଲେ ଶ୍ରୀଧର ଆଚାର୍ଯ୍ୟ। ଦଳର ରାଜ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ହେଲା କଟକର ଚୌଧୁରୀ ବଜାରସ୍ଥିତ ମୋଡ଼ା ଧର୍ମଶାଳାର ଏକ କୋଠରୀରେ।ପରବର୍ତ୍ତୀ କାଳରେ ପଣ୍ଡିତଜୀ ଥରେ ଦଳୀୟ କାର୍ଯ୍ୟରେ ପୁରୀ ସହରକୁ ଆସି ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଥିଲେ ଏବଂ ସେ ସମୟରେ ଦକ୍ଷିଣା ସଂଗ୍ରହ ପାଇଁ ପଣ୍ଡାମାନଙ୍କ ଉଗ୍ରବ୍ୟବହାର ତାଙ୍କୁ ନାପସନ୍ଦ ଲାଗିଥିଲା। ସେଦିନ ସିଂହଦ୍ୱାରଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଭାଷଣ ଦେବାବେଳେ ଏହି ଘଟଣାକୁ ପଣ୍ଡିତଜୀ ଉଲ୍ଲେଖ କରିଥିଲେ। ଦୀନଦୟାଲଜୀ ମୃତ୍ୟୁର ପୂର୍ବବର୍ଷ କଟକ ଗସ୍ତରେ ଆସି ବକ୍ସିବଜାରସ୍ଥିତ ତିନି କୋଣିଆ ବଗିଚାରେ ଏକ ସାଧାରଣ ସଭାରେ ଭାଷଣ ପ୍ରଦାନ କରିଥିଲେ। ସେତେବେଳେ ଓଡ଼ିଶାରେ ଜନସଂଘ ଦଳ ଏବଂ ସ୍ୱତନ୍ତ୍ର ଦଳ ମଧ୍ୟରେ ମେଞ୍ଚ ସ୍ଥାପନ କରିବା ପାଇଁ ଯୋଗସୂତ୍ର ଆରମ୍ଭ ହୋଇଥିବା ଜଣାଯାଏ।

ସ୍ୱଳ୍ପକାଳ ପାଇଁ ଆମ ପ୍ରଦେଶକୁ ଗସ୍ତରେ ଆସିଥିବା ପଣ୍ଡିତ ଦୀନଦୟାଲ ଯେ ଜଣେ ବିଶାଳ ବ୍ୟକ୍ତିତ୍ୱ ଏଥିରେ ସନ୍ଦେହ ନାହିଁ। ତାଙ୍କ ପ୍ରଦତ୍ତ 'ଏକାତ୍ମ ମାନବବାଦ' ଦର୍ଶନ ତାଙ୍କୁ ଆଜି ଅମରତ୍ୱ ପ୍ରଦାନ କରିଛି।

୦୨, ଜ୍ୟୋତି ଏନ୍‌କ୍ଲେଭ
ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

# ଆପଣା କର୍ମ



ସୁଚରିତା ମହାନ୍ତି

ଶୁଭ କାମନା ଓ ଅଭିନନ୍ଦନ ଦିଆ ନିଆ ହେଲା, ସୋସିଆଲ ମିଡିଆ ରେ ବହୁତ ପ୍ରକାର ର ସାଜସଜ୍ଜା ର ଛବି ଦେଖିବାକୁ ମିଳିଲା, ଚାରିଆଡ଼ ? ଆନନ୍ଦ ର ମାହୁଲ୍ ।

ଲାଗିଲା ଯେମିତି ଭକ୍ତି ଗୁଡ଼ିକ ଧୂପ ଝୁଣା କର୍ପୂର ପରି ମହମହ ହୋଇ ମହକି ଯାଉଚି।

ଭଲିକି ଭଲି ନୂଆ ପୋଷାକ ର ପ୍ରଦର୍ଶନ ପୁଣି ଡିଜେ ବଜେଇ କାହିଁ ରେ କେତେ ଭଜନ ସହିତ ଆଧୁନିକ ଗୀତ ଗୁଡ଼ିକ ମନ ଓ ଦେହକୁ ହଲେଇ ଝୁଲେଇ ଦେଉଥାଏ।

ଭୋଗରାଗ ଖାଇ ସମସ୍ତେ ମଜା ଉଠଉଥାନ୍ତି ବିଘ୍ନରାଜ ଗଣେଶଙ୍କ ପୂଜା ରେ।

ବର୍ଷ କୁ ଥରୁଟିଏ ଏମିତି ସୁଯୋଗ ଆସିଲେ କିଏ କ'ଣ ହାତ ଛଡ଼ା କରିବ କି ?

ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନମାନ ଙ୍କ ରେ ବେଶ୍ ଧୁମ୍ ଧାମ୍ ରେ ପାଳିତ ହେବା କିଛି ନୂଆ କଥା ନୁହେଁ। ସମସ୍ତଙ୍କ ଭିତରେ ଗୋଟିଏ ଉଦ୍ଦୀପନା ସୃଷ୍ଟି ହୋଇଥାଏ ପର୍ବ ପର୍ବାଣୀ କୁ ନେଇ। ସେଥିପାଇଁ ତ ସମସ୍ତେ ଚାହାଁନ୍ତି ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ।

ସକାଳ ସାତ ଘଟିକା ଠାରୁ ପୂଜା ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ପୂଜା ହେଉଥାଏ।

ହଁ ଆପଣ ମାନେ ଭାବୁଥିବେ ମୁଁ ଏତେ କଥା କାହିଁକି ଲେଖୁଛି ! ପୂଜା ରେ ଏମିତି ହୁଏ ଏଥିରେ ନୂଆ କଥା କ'ଣ ଅଛି ଯେ !

ହଁ ଅଛି ବୋଲି ତ କହୁଚି। ଏବେ ଆସନ୍ତୁ ପ୍ରସଙ୍ଗ ଉପରେ ନଜର ପକେଇବା।

ପୂଜା ହେବ, ସବୁ ପ୍ରକାର ଆୟୋଜନ ହେବ ଏଥିରେ କୌଣସି ଅସୁବିଧା ନାହିଁ କିନ୍ତୁ ଗୋଟିଏ ଅସୁବିଧା ଏମିତି ହୁଏ ଯାହାକି ସମସ୍ତଙ୍କୁ ସେଇ ଅସୁବିଧା ଭୋଗିବାକୁ ହିଁ ପଡ଼ ?।

ଆଉ ସେଇ ଅସୁବିଧା ଟି ରହିଥାଏ ବ୍ରାହ୍ମଣ ବା ପୂଜକଙ୍କ ପାଖରେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ସେ କେଉଁଠି ହେଲେ ପହଞ୍ଚନ୍ତି ନାହିଁ, ଯଦି ବା ପହଞ୍ଚନ୍ତି ସେଠାରେ ପୂଜା ଠିକ୍ ଭାବରେ ବିଧି ପୂର୍ବକ ହୋଇପାରେ ନାହିଁ। ଗୋଟିଏ ସ୍ଥାନରେ ପହଞ୍ଚିବା ବେଳକୁ କେତେ ଯେ ଫୋନ୍ କଲ୍ ଆସେ ତା'ର ହିସାବ ନଥାଏ।

ନନା ଙ୍କ ମନ୍ତ୍ର ନନା ହିଁ ଜାଣନ୍ତି,ତରବର ହୋଇ କି ମନ୍ତ୍ର ଉଚ୍‌ଚାରଣ କରନ୍ତି ସେ କ'ଣ ସ୍ୱୟଂ ଗଣେଶ ବି ଆଚ୍‌ମ୍ଭିତ ହେଉଥିବେ ମୁଁ କ'ଣ ଭୁଲ୍ କଲି ମୋତେ ଏମିତି ମନ୍ତ୍ରରେ ଆରାଧନା କରିବାକୁ ମୋ ଭକ୍ତ ମାନେ ବ୍ୟଗ୍ର ହେଉଛନ୍ତି । ବିଚ୍‌ରା ଭକ୍ତ ଓ ଭଗବାନଙ୍କ ଦୁଃଖ କହିଲେ ନସରେ।

ବ୍ରାହ୍ମଣ ଅର୍ଥ ଲାଳସା ରେ ଅନେକ ଗୁଡ଼ିଏ ସ୍ଥାନରେ ପୂଜା କରିବା ପାଇଁ ପ୍ରତିଶ୍ରୁତି ଦେଇ ଶେଷରେ ସମସ୍ତଙ୍କୁ ହଟହଟା ହେବାକୁ ପଡ଼ିଥାଏ।

କଥାରେ ଅଛି ପରା-'ମାଙ୍କଡ଼ ହାତରେ ଶାଳଗ୍ରାମ,ନଚେଇ ନଚେଇ ନେବ ପ୍ରାଣ।' କେତେଜଣ ବ୍ରାହ୍ମଣ ଉଣ୍ଡି ବସିଥାନ୍ତି, ଏଇଭଳି ଦିନମାନଙ୍କୁ କିପରି ମୋଟା ଅଙ୍କରେ ଅର୍ଥ ଉପାର୍ଜନ କରିବେ।

ସେଇଦିନ ମାନଙ୍କ ରେ ଭକ୍ତ ଓ ଭଗବାନ ତାଙ୍କ ହାତରେ ନାଚି ଥାନ୍ତି।

କେତୋଟି ସ୍ଥାନରେ ଦେଖିବାକୁ ମିଳିଲା ନନା ଗୀତ ବଜେଇ ପୂଜା କରୁଚ୍ଛନ୍ତି ଆଉ କେତୋଟି ଜାଗାରେ ନାଚି ନାଚି ପୂଜା କରୁଚ୍ଛନ୍ତି।

ସବୁଠାରୁ ଲଜ୍ୟା କର ବିଷୟ ଥିଲା ଏଭଳି ବ୍ରାହ୍ମଣ ମାନଙ୍କ ପୂଜା କରିବା ଶୈଳୀ କୁ ଉପସ୍ଥିତ ଥିବା ଲୋକମାନେ ଦେଖି ଆନନ୍ଦ ରେ ବିଭୋର ହୋଇ ଗଡ଼ି ଯାଉଥାନ୍ତି। ଏଥିରେ କେତେ ଭକ୍ତି ଥାଏ ବା ଥିବ ଆପଣ ମାନେ କୁହନ୍ତୁ ତ ?

ଏଭଳି କୁତ୍ସିତ ମାନସିକତା ନେଇ ପୂଜାର୍ଚ୍ଚନା କରିବା ଅପେକ୍ଷା ନକଲେ ବରଂ ଈଶ୍ୱର ଖୁସି ହେବେ ବୋଲି ମୋର ବିଶ୍ୱାସ।

ଆମ ଘରକୁ ଚାରି ବର୍ଷ ହେବ ବ୍ରାହ୍ମଣ ଙ୍କୁ ଗଣେଶଙ୍କ ପୂଜାରେ ଡକା ଯାଏ ନାହିଁ କାରଣ ୨୦୧୮ମସିହାରେ ଯେଉଁ ନନା ପୂଜା କରିବା ପାଇଁ ଆସିଥିଲେ,ସେ ପୂଜା କରିବା ଆରମ୍ଭ ରୁ ବାରମ୍ବାର ମୋବାଇଲ୍ ଧରି ଅନ୍ୟମାନଙ୍କ ସହିତ କଥା ହେଉଥାନ୍ତି, ମୁଁ ବିରକ୍ତ ହୋଇ ମନା କରିବା ସତ୍ତ୍ୱେ ସେ ସେମିତି କରିବାରୁ ମୁଁ ତାଙ୍କ ମୋବାଇଲ ଛଡ଼ାଇ ଫୋପାଡ଼ି ଦେଲି ଏବଂ ତାଙ୍କୁ ବିଦା କରିଦେଲି । ତା'ପରେ ପ୍ରତି ବର୍ଷ ମୁଁ ନିଜେ ହିଁ ପୂଜା କରେ । ଯଦି ପୂଜା ରେ କୌଣସି ଅଶାନ୍ତି ସୃଷ୍ଟି ହୁଏ ସେ ପୂଜା କରି ଲାଭ କ'ଣ ?

ଜଣେ ସାହିତ୍ୟିକ ଙ୍କ ପୋଷ୍ଟ ପଢ଼ି ବହେ ହସିଲି ।ସତରେ କ'ଣ ଏବେ ର ସମାଜରେ ପ୍ରତି କଥାରେ ନିଲାମ୍ ଡକା ଗଲାଣି ! ଛୁଆ ଜନ୍ମ ଠାରୁ ଆରମ୍ଭ କରି ବର୍ଷ ତମାମ ଯେତେ ସବୁ ପୂଜା ପାର୍ବଣ ହେଉଚି ସେସବୁ ଭକ୍ତି ଏବଂ ଧର୍ମ ଯାହା ହେଉ କି ନ ହେଉ ସେଥିରେ ଅଧର୍ମ ଏବଂ ଦେଖେଇ ହେବା ନୀତି ବଢ଼ି ଯାଇଚି ଏକଥା କେହି ହୁଏତ ଅସ୍ୱୀକାର କରି ପାରିବେ ନାହିଁ।

ସମାଜ କୁ କଳୁଷିତ କରୁଥିବା ଲୋକଙ୍କ ସଂଖ୍ୟା ପ୍ରବଳ ଆଉ ଦେଖଣାହାରୀ ଯେତେକ ସବୁ ଗୁଡ଼ିକ ଦୁର୍ବଳ।

ନିଜ ଗାଲରେ ନିଜେ ମାଡ଼ ଖାଇ ଲୋକେ ଖୁସି ହୁଅନ୍ତି। ତା'ର କାରଣ ହେଉଚି ସମାଜ ସୁଧାରିବା କୁ ତାଙ୍କ ପାଖରେ କ୍ଷମତା ନଥିଲା କି ଭବିଷ୍ୟତରେ ରହିବ ନାହିଁ।

ହଁ ଏହା ସତ ଯେ ବ୍ରାହ୍ମଣ ମାନଙ୍କ କୌଳିକ ବୃତ୍ତି ପୂଜା କରିବା ।ତା' ବୋଲି ନୁହେଁ ଯେ ଯଜମାନଙ୍କୁ ଭୁଡେଇ ଅର୍ଥ ଉପାର୍ଜନ କରିବା ।ଯଦି କେବଳ ମାତ୍ର ବିଧି ରକ୍ଷା ପାଇଁ ଏସବୁ ପ୍ରହସନ ତେବେ ମୋର କିଛି କହିବାର ନାହିଁ ।

ଆପଣା କର୍ମ ସମସ୍ତଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ ?, ଆଗକୁ ପଡ଼ିବ ନିଶ୍ଚୟ।

ଈଶ୍ୱର ଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଥିବା ସମସ୍ତ ମଣିଷ ଏଇ କୁକର୍ମ ରୁ ଓହରି ଗଲେ କ'ଣ ହୁଅନ୍ତା ନି ?

ଏବେ କୁହନ୍ତୁ ପ୍ରସଙ୍ଗ ଟି ଯୁକ୍ତିଯୁକ୍ତ କି ନୁହେଁ? ଏଥିରେ ଆପଣଙ୍କ ଚିନ୍ତାଧାରା କ'ଣ ହୋଇପାରେ ?

ମାହାଙ୍ଗା, କଟକ
ମୋ : ୮୯୧୭୫୭୧୨୦୨




# ଓଡିଶା ଷ୍ଟେଟ ସିଲେକ୍ସନ ବୋର୍ଡ଼ ଅଧାପକ ଆସୋସିଏସନ ପକ୍ଷରୁ ଗ୍ରେଡ଼ ପେ ସଂଶୋଧନ ଦାବୀ

ବ୍ରହ୍ମପୁର,ଚିନ୍ମୟୀ ପାଣିଗ୍ରାହୀ, (ପି.ଏନ): ସ୍ଥାନୀୟ ସୁବାରାଓ ଛକ ନିକଟସ୍ଥ ସିଟି ପେଲେସ ହୋଟେଲ କନଫରେନ୍ସ ହଲ ଠାରେ ଓଡିଶା ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଓସଲା )ଅଧାପକ ଆସୋସିଏସନ ପକ୍ଷରୁ ଗ୍ରେଡ଼ ପେ ସଂଶୋଧନ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଂଘର ଅଧାପକ ମାନେ ଗୁରୁଦିବସ ସେପ୍ଟମ୍ବର ୫ ତାରିଖ ଠାରୁ ଶାନ୍ତି ଶୃଙ୍ଖଳା ସହ ବ୍ଲାକ ବେଜ ଧାରଣ କରିଛନ୍ତି। ସେମାନେ ମହା ବିଦ୍ୟାଳୟରେ ସେମାନଙ୍କ କାର୍ଯ୍ୟରେ ଓ ଶିକ୍ଷା ଦାନରେ ଆଦୁ ଅସହଯୋଗ ନ କରି ଶାନ୍ତି ପୂର୍ଣ୍ଣ ଭାବେ ସରକାରଙ୍କୁ ସେମାନଙ୍କ ଦାବୀ ସମ୍ବନ୍ଧରେ ଅବଗତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ସେମାନଙ୍କ ମୁଖ୍ୟ ପ୍ରସଙ୍ଗ ହେଉଛି ଗ୍ରେଡ଼ ପେ ତ୍ରୁଟି ଜନିତ ସମସ୍ୟାର ସରକାରୀ ସ୍ତରରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ସମାଧାନ । ଏଥିପାଇଁ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନା ଯୋଗ୍ୟଯେ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ରାଜ୍ୟ ପ୍ରବରଣ ମଣ୍ଡଳୀ,ଉଚ୍ଚ୍ଚ ଶିକ୍ଷା ବିଭକ୍ଷଗ, ଓଡିଶା ସରକାର ) ଙ୍କ ଦ୍ୱାରା ୧୯୮୯ ମସିହାରେ ରାଜ୍ୟର ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ଗୁଡିକ ପାଇଁ ୨୨୦୦ ରୁ ୪୦୦୦ ହଜାର ସ୍କୁଲ ଅଫ ପେରେ ଅଧାପକ ନିଯୁକ୍ତି ହୋଇଥିଲେ । ପରବର୍ତ୍ତୀ ସମୟରେ ଦୀର୍ଘ ୨୬ ବର୍ଷ ପରେ ୨୦୧୬ ମସିହାରେ ରାଜ୍ୟ ସରକାର ୧୬୨୫ ଜଣ ଅଧାପକଙ୍କୁ ଏସ ଏସ ବି ମାଧ୍ୟମରେ ନିଯୁକ୍ତି ଦେଇଥିଲେ । କିନ୍ତୁ ବିଡମ୍ବନା ବିଷୟ ଏହାଯେ ଉକ୍ତ ୨୬ ବର୍ଷ ସମୟ ବ୍ୟବଧାନ ମଧ୍ୟରେ ୪ ଗୋଟି ବେତନ କମିଶନ ସୁପାରିଶ ତଥା କାର୍ଯ୍ୟକାରୀ ହୋଇଯାଇଥିଲେ ମଧ୍ୟ ଏହି ବର୍ଗର ଅଧାପକ ମାନଙ୍କର ବେତନ ସମାନୁପାତିକ ହାରରେ ସରକାର ବୃଦ୍ଧି କରିନାହାନ୍ତି । ଏହା ୬ଷ୍ଠ ବେତନ କମିଶନ ବା ଢଜଝଚ ରୁଲ ୨୦୦୮ ଅନୁସାରେ ୫୪୦୦ ଗ୍ରେଡ଼ ପେ ସହ ସମାନ ହେବା କଥା ଓ ୭ମ ବେତନ କମିଶନ ବା ଢଝଜଚ ରୁଲ ୨୦୧୭ ଅନୁସାରେ ଲେବେଲ ୧୨ ର ଓ ସେଲ ୧ ଯଥା ୫୬ ହଜାର ୧୦୦ ସହ ସମାନ ହେବା କଥା କିନ୍ତୁ ବର୍ତ୍ତମାନ ଏହା ୪ ହଜାର ୬୦୦ ବା ୪୪ ହଜାର ୯୦୦ ରେ ନିର୍ଦ୍ଧାରଣ କରାଯାଇଛି । ଯାହା ଚଏ ବା ସ୍ନାତକର୍‌ତ୍ତୋର ଶିକ୍ଷକ ଯେଉଁ ମାନେ ସ୍କୁଲରେ ପଢ଼ାଉଛନ୍ତି,ସେମାନଙ୍କର ଦରମା ସହିତ ସମାନ କରିଦିଆଯାଇଛି କ୍ଷ ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ପାଇଥିବା ସମସ୍ତ ୨୫୩ ଜଣ ଅଧାପକ ଅଧାପିକା ତଥା ରାଜ୍ୟବ୍ୟାପି ୩ ହଜାରୁ ଉର୍ଦ୍ଧ ଏସ ଏସ ବି ଅଧାପକ ଅଧାପିକା ଶାନ୍ତି ପୂର୍ଣ୍ଣ ଭାବେ ନିଜ କାର୍ଯ୍ୟରେ ଅସହଯୋଗ ନ କରି କଳା ବେର୍ଜ ପିନ୍ଧି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଗ୍ରେଡ଼ ପେ ଜନିତ ତ୍ରୁଟି ସୁଧାରିବା ପାଇଁ ବିନମ୍ର ନିବେଦନ କରିଛନ୍ତି କ୍ଷ ଏହି ସାମ୍ବାଦିକ ସମ୍ମିଳନୀରେ ଓସଲା (ଢଝଖଇ )ଗଞ୍ଜାମ ଶାଖାର ସଭାପତି ଡ. ବାଲା ଶିବାଜୀ ପାତ୍ର, ସମ୍ପାଦକ ଆମ୍ ପ୍ରକାଶ ନାୟକ, କୋର କମିଟି ସଦସ୍ୟ ସମୀର କୁମାର ମିଶ୍ର, ଧମେନ୍ଦ୍ର ନାଥ ପାତ୍ର, ଶ୍ରୀମତୀ ସୁଜାତା ସାମନ୍ତରାୟ, ଡ. ମନାଲିଶା ମିଶ୍ର, ଶ୍ରୀ ଗଙ୍ଗାଧର ପ୍ରଧାନ ଓ ଗଞ୍ଜାମ ଜିଲ୍ଲାର ସମସ୍ତ କଲେଜର ପ୍ରତିନିଧି ତଥା ଅଧାପକ ଏଥିରେ ପ୍ରମୁଖ ଉପସ୍ଥିତ ଥିଲେ ।




# କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟ ରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, (ପି.ଏନ):ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମହାରାଜପାଲ୍ଲୀ ପଂଚାୟତ କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ଆଜି ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନନ୍ତପାଲ୍ଲୀ ଏସ ଏସ ଡ଼ି ହାଇସ୍କୁଲ ର ପ୍ରଧାନଶିକ୍ଷକ ଉମାଶଙ୍କର ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମଦାଇ ଟୁଡୁ , ମୁଖ୍ୟ ବକ୍ତା ଭାବେ ପୁସୁଗୁଡା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ସିଂ , ସମ୍ମାନିତ ଅତିଥି ଭାବେ ମହାରାଜପାଲି ସରପଂଚ ମୁତା ସୋଡି ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିର ବିଦ୍ୟାର୍ଥୀଙ୍କ ପାଇଁ କରିଥିବା ସମସ୍ତ ପ୍ରକାର ବ୍ୟବସ୍ଥା ସମ୍ପର୍କରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଅଲୱେଜ ଉଇଥ୍ ୟୁ କ୍ଲବ୍ ତରଫରୁ ବନ୍ଧୁ ମିଳନ




ଭୁବନେଶ୍ୱର,(ପି.ଏନ): ସ୍ଥାନୀୟ ଖଣ୍ଡଗିରି ପାଦ ଦେଶରେ କ୍ଲବ୍ ର ଭୁବନେଶ୍ୱର ତଥା ପୁରୀ ଶାଖା ସଭ୍ୟ, ସଭ୍ୟା ମାନଙ୍କ ଦ୍ୱାରା ଏକ ବିଶେଷ ବନ୍ଧୁ ମିଳନ ଅୟୋଜନ ହୋଇ ଥିଲା ।ବରିଷ୍ଠ ସଦସ୍ୟ ଶ୍ରୀ ସୁରେଶ ଚ଼ନ୍ଦ୍ର ପାଢ଼ୀ ଏହି ଆଲୋଚ଼ନା ଚ଼କ୍ର ରେ ସଭା ପତିତ୍ୱ କରିଥିଲେ। ଶ୍ରୀ ହରେଶ ଚ଼ନ୍ଦ୍ର ପଟ୍ଟନାୟକ ଏବଂ ଶ୍ରୀମତୀ ବୀଣା ଦାସ ସମସ୍ତ ଅୟୋଜନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।କ୍ଲବ୍ ର ସଭାପତି ଶ୍ରୀ ଜଗନ୍ନାଥ୍ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ଏହି ବନ୍ଧୁ ମିଳନ ଉତ୍ସବ କୁ ଶ୍ରୀ ଶ୍ରୀ ଠାକୁର ଙ୍କ ପାଖେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ରୀ କୃପା ନିଧି ବିଶ୍ୱାଳ ସହଯୋଗ କରିଥିଲେ। ଶ୍ରୀ ମିଶ୍ର ଅଲୱେଜ ଉଇଥ୍ ୟୁ କ୍ଲବ୍ କୁ ସେବାଭିମୁଖୀ କରିବା ପାଇଁ ଏହାର ସଦସ୍ୟ ମାନେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ରାଉରକେଲା , ବାଲେଶ୍ୱର, ବାରିପଦା ସହର ମାନଙ୍କରେ ବିଭିନ୍ନ ସମୟରେ ବନ୍ଧୁ ମିଳନ କରିବା ପାଇଁ କିଛି ସଦସ୍ୟ ମାନେ ମତ ରଖିଥିଲେ। ନୂତନ ପିଢ଼ି ଙ୍କୁ ସଦସ୍ୟ ଭବେ ଉତ୍ସାହିତ କରିବା ପାଇଁ ଆଲୋଚ଼ନା ହୋଇଥିଲା ।ପ୍ରତି ମାସ ଅଭାସି ଆଲୋଚ଼ନା ଚ଼କ୍ର ରେ ଯୋଗଦାନ୍ କରିବା ଏବଂ ଆସନ୍ତା ୧୭.୧୨ ୨୦୨୩ ପୁରୀ ଠାରେ ବନ୍ଧୁ ମିଳନ ରେ ସମସ୍ତ ସଦସ୍ୟ ସଦସ୍ୟା ମାନେ ଯୋଗଦାନ୍ କରି ଆୟୋଜକ ଶ୍ରୀମତି ବୀଣା ଦାସ ଏବଂ ଅନ୍ୟ ମାନଙ୍କୁ ଉତ୍ସାହିତ କରାଇବା ଆଲୋଚ଼ନା ହୋଇଥିଲା ।୪ଜଣ ସଦସ୍ୟ ଙ୍କୁ ଲକି ବିଜେତା ପୁରସ୍କାର ପ୍ରଦାନ କରାଯାଇ ଶ୍ରୀ ହରେଶ ପଟ୍ଟନାୟକ ଏବଂ ଶ୍ରୀ ଅର୍ଜୁନ ସାହୁ ଙ୍କ ଦ୍ୱାରା ଆୟୋଜିତ ସୁସ୍ୱାଦୁ ଭୋଜନ କୁ ସମସ୍ତେ ଉପଭୋଗ କରିଥିଲେ। ଏହି ବନ୍ଧୁ ମିଳନ ଟି ସମସ୍ତ ଙ୍କ ପାଇଁ ବେଶ୍ ଉପଭୋଗ୍ୟ ହୋଇଥିଲା ।ସମସ୍ତ ସଦସ୍ୟ ମାନେ ନିଜ ନିଜ ର ଅନୁଭୂତି ପ୍ରଦାନ କରିଥିଲେ, ଏବଂ ସେବା ହିଁ ପରମ ଧର୍ମ ବୋଲି ଅଭିମତ ରଖିଥିଲେ।

# ମାନବ ଜୀବନ କୁ ଉପଯୁକ୍ତ ମାର୍ଗଦର୍ଶନ ରେ ଭାଗବତ ଶ୍ରେଷ୍ଠ ମାଧ୍ୟମ



ପୁରୀ,(ପି.ଏନ): ପଞ୍ଚସଖାଙ୍କ ମଧ୍ୟରେ ଅନନ୍ୟ ସଖା ତଥା ଭାଗବତ ପ୍ରଣେତା ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚ଼ିତ ଭାଗବତ,ଦୀର୍ଘ ପାଞ୍ଚଶହ ବର୍ଷ ଧରି ଭାରତବର୍ଷ ରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରି ଚ଼ାଲିଛନ୍ତି ବୋଲି କହିଛନ୍ତି ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାତଲହଡି ମଠ ପରିସରରେ ଓଡିଆ ଭାଗବତର ସର୍ବକାଳୀନ ଉପଯୋଗୀତା ଶୀର୍ଷକ ଆଲୋଚ଼ନାଚ଼କ୍ର ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାତ୍ର ମଣିଷ ଜୀବନ କୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଅତିବଡ଼ି ଙ୍କ ସାଧନା ଓ ସମାଧି ପୀଠ ସାତଲହଡି ମଠର ସୁରକ୍ଷା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଘୋଷଣା କରିବା ସହ ସାଧନା ବ୍ୟର୍ଥ ଯାଏନି ଯାହା ଭାଗବତ ପ୍ରମାଣ କରିଛି ବୋଲି କହିଥିଲେ ।ଓଡ଼ିଆ ସାହିତ୍ୟ ଏକାଡେମୀ ର ସଭାପତି କବି ହୃଷୀକେଶ ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ସଂପାଦିକା ଶୁଚ଼ିସ୍ମିତା ମନ୍ତ୍ରୀଙ୍କ ପରିଚ଼ାଳନା ରେ ଅନୁଷ୍ଠିତ ଏହି ସାରସ୍ୱତ ସଂପାନରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବ?ର୍ଡ ର ପ୍ରାକ୍ତନ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ସାହିତ୍ୟ-ସଂସ୍କୃତି ବିଭାଗ ର ସ୍ୱତନ୍ତ୍ର ଶାସନ ସଚ଼ିବ ମଧୁସୂଦନ ଦାଶ ଯୋଗ ଦେଇଥିବା ବେଳେ ଆଲୋଚ଼ନା ଚ଼କ୍ରରେ ଆଲୋଚ଼କ ଭାବେ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତ ରାୟ, ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ୍ୟ ଓ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ। ଅତିବଡ଼ିଙ୍କ ଜୟନ୍ତୀ ସମାରୋହ ପରିପ୍ରେକ୍ଷୀରେ ପ୍ରାତଃ କାଳରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଗାଡିକାର ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଭବ୍ୟ ସଂକୀର୍ତ୍ତନ ପଦଯାତ୍ରା ସିଂହଦ୍ୱାର ଠାରୁ ବାହାରି ସାତଲହଡି ମଠ ରେ ପହଞ୍ଚିଥିଲା ।ଏହି କାର୍ଯ୍ୟକ୍ରମ ରେ ଶ୍ରୀମନ୍ଦିର ର ବିଶିଷ୍ଟ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପ୍ରାକ୍ତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ,ଷ୍ଟାଲିନ ପରିଡା,ଅଧାପକ ବିଶ୍ୱନାଥ ମିଶ୍ର,କବି ବିପିନ୍ ଦଳାଇ , ବିଶିଷ୍ଟ ପାଲାକାର ଜ୍ଞାନ କାନୁନଗୋ, ଜିଲ୍ଲା କଳା-ସଂସ୍କୃତି ସଂଘ ଉପସଭାପତି ବସନ୍ତ ପ୍ରଧାନ, ଜଟାଧାରୀ ମିଶ୍ର, ଏକାଡେମୀ ର ଅଧିକାରୀ ସଂଜୟ କୁମାର ଛୁଆଲସିଂହ, ଚ଼ିନ୍ମୟ ମିଶ୍ର, କୈଳାଶ ପାଣିଗ୍ରାହୀ, ଚ଼କ୍ରଧର ମହାପାତ୍ର, ମଠକାଙ୍ଗୁଡା ର ପ୍ରଭାକର ସାହୁ, କପିଳେଶ୍ୱରପୁର ର ପ୍ରାକ୍ତନ ସରପଞ୍ଚ ଲଲାଟେନ୍ଦୁ ମହାନ୍ତି ଓ କବି ପ୍ରଶାନ୍ତ ତ୍ରିପାଠୀ,ପ୍ରଦୀପ୍ତ କୁମାର ଦାସଙ୍କ ସମେତ ପୁରୀ ସଦର ଓ ଓଡ଼ିଶାର ବିଭିନ୍ନ କୀର୍ତ୍ତନ ଦଳ, ପାଲାକାର, କଳାକାର, ବିଭିନ୍ନ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର ସାତଲହଡି ମଠ ରେ ଭାଗବତ ପାଠ କଲାପରେ, କାର୍ଯ୍ୟକ୍ରମକୁ ମାନ୍ୟବର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ। ଶେଷରେ ଏକାଡେମୀ ର ଉପସଭାପତି କବି ଡକ୍ଟର ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟେକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ ।ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ।ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି ।ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂରୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।




# ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଳବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଳାଁ ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳାକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଳବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଢୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ୍ୟ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଶ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ପଳାଶପାଳ ଠାରେ ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ

ହରିଚନ୍ଦନପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡ଼ପଳାଶପାଳ ଗ୍ରାମ ରାଧାକୃଷ୍ଣ ଭାଗବତ ମଣ୍ଡଳୀ ପକ୍ଷରୁ ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ ଆୟୋଜନ ହୋଇଛି । ଭଗବତ କଥାମୃତ ପାଠ ଏବଂ ଶ୍ରବଣ ଦ୍ୱାରା ଆତ୍ମା ପବିତ୍ର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗ୍ରାମରେ ଦୀର୍ଘ ୧୫ ବର୍ଷ ହେବ ଭାଗବତ ପରାୟଣ କାର୍ଯ୍ୟକ୍ରମ ଚାଲିଆସୁଛି । ଏହି କଥାମୃତ ୨୨ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୨୯ ତାରିଖ ପୂର୍ଣ୍ଣାହୁତି ସମ୍ପନ୍ନ ହେବ । ଭଗବତ କଥାମୃତ ସାଧୁ ବିଷ୍ଣୁ ଦାସ ଓ ପୂଜକ ସନ୍ତୋଷ ରଥ କାର୍ଯ୍ୟକ୍ରମରେ ଯୋଗ ଦେଇ ଭକ୍ତମାନଙ୍କ ମାର୍ଗଦର୍ଶନ କରୁଛନ୍ତି । ଉକ୍ତ ଭବ୍ୟ କାର୍ଯ୍ୟକ୍ରମରେ ଶତାଧିକ ଭଗବତ୍ ପ୍ରେମୀ ଯୋଗ ଦେଇ ପ୍ରଭୃଙ୍କର ଆଶିଷ ପାଇବା ସହିତ ପ୍ରଭୃଙ୍କର ଗୁଣଗାନର ସୌଭାଗ୍ୟ ଲାଭ କରୁଛନ୍ତି । ଗୀତା ଜ୍ଞାନାମୃତକୁ ପ୍ରବଚନ ମାଧ୍ୟମରେ ଶୁଣିବାକୁ ମିଳୁଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖାଦେଇଛି ।ରାଧାକୃଷ୍ଣ ଭାଗବତ ମଣ୍ଡଳୀର ସଭାପତି ଭରତ ବିଶ୍ୱାଳ, ସମ୍ପାଦକ ସୀତାକାନ୍ତ ପାଇକରାୟ, ଉପଦେଷ୍ଟା ଅନାଦି ଚରଣ ମାନସିଂଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଛନ୍ତି ।

# ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ କଥାମୃତ ଆଲୋଚନା ଉଦ୍‌ଘାଟିତ



ଯାଜପୁର (ପିଏନ୍): ଯାଜପୁରର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବକୁ ଯାଜପୁରର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉଦ୍‌ଘାଟକଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୀତା ଜାଗରଣ ପରିଷଦର ସଭାପତି ଆଡ୍‌ଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆକାଶ ଦୀପ ପ୍ରଜ୍ୱଳନ କରାଯିବା ସହିତ ପବିତ୍ର ବୈତରଣୀ ନଦୀ ତଟରେ ବୈତରଣୀ ମାତାଙ୍କୁ ବନ୍ଦାପନା କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଭାଗବତ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଉ ମ ଅଟେ ଏବଂ ଏହା ପାଠ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ସେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେରଣା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବସନ୍ତ କୁମାର ପତି, ପଣ୍ଡିତ ବାସୁଦେବ ମିଶ୍ର, ଅଧ୍ୟାପକ ରମାକାନ୍ତ ବରାଳ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ରବିନାରାୟଣ କର, ହୃଷିକେଶ ପତି, ସନ୍ତୋଷ ସ୍ୱର୍ଣ୍ଣକାର, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ପାଗଳା ପାଣି, ସମିର ନାୟକ, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ-ସଂପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମାତୃଭୂମି ସେବା ସଂସ୍ଥାର ଗୋପବନ୍ଧୁ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ମାତୃଭୂମି ସେବା ସଂସ୍ଥା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଦୁଷ୍ମନ୍ତ ସାର୍, ନାଟ୍ୟକର ବିଜୟ କୁମାର ମହାକୁଡ଼, ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପ କମଳ ଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ସଂଗଠନର ନିଃସ୍ୱାର୍ଥପର ସେବା ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

# ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା



ଯୋଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ୍ୟ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ୍ୟ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚାନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସସାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

—ଇଂ. ବିଦ୍ୟାଧର ପଣ୍ଡା, ସମ୍ପାଦକ, ଦୈନିକ ଓଡିଆ -ସତ୍ୟାଗ୍ରହୀ-
ମୋ-୯୪୩୯୧୨୮୦୫୦, ଏଲ୍-୧୭/୧୫, ଡୁମୁଡୁମା,ଭୁବନେଶ୍ୱର-୭୫୧୦୧୯

# ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି । ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି । ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା । ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ । ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ । ହେଲେ ଶେଷ ମୁହୂର୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ । ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି । ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଯାହାଫଳରେ ଶେଷ ମୁହୂର୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ । ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି । ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁ ିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ । ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହ ିଥିଲେ। ଅଭିଯୁକ୍ତକୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହ ି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପ ାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ । ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁ ିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ ।

# ବାତୋ ପ ାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପ ାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହ ାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତାଳଚେର ରୋଡ଼ ଷ୍ଟେସନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା



ତାଳଚେର,(ପି.ଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା କୁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ ଅବଦାନ ଦେଇ ପୁରୀ ରୁ ରାଉରକେଲା ର ଶୁଭାରମ୍ଭ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଠାରେ ଏହି ବନ୍ଦେ ଭାରତ ଏକ୍ସପ୍ରେସ କୁ ଶୁଭାରମ୍ଭ କରିବା ସହ ଏହି ଟ୍ରେନ ରେ ଅନୁଗୁଳ ପର୍ଯ୍ୟନ୍ତ ଆସିଥିଲେ ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ତାଳଚେର ରୋଡ଼ ଷ୍ଟେସନ ଠାରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହୋଇଥିଲା ।ବିଜେପି ର ତାଳଚେର ବିଧାନସଭା ନେତା ତଥା ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ଙ୍କୁ ତାଳଚେର ରୋଡ଼ ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।ବନ୍ଦେ ଭାରତ ଏକ୍ସପ୍ରେସ ତାଳଚେର ରୋଡ଼ ରେ ପହଂଚିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେଥିରୁ ଓହ୍ଲାଇବା ପରେ ତାଙ୍କୁ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ସମ୍ବର୍ଦ୍ଧନା ଜଣାଇଥିଲେ ।ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସର ମନ୍ତ୍ରରେ ଚାଲୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ନାରୀ ସଶକ୍ତିକରଣକୁ ଗତ ୨୧ ତାରିଖରେ ନୂଆ ସଂସଦ ଭବନର ଉଭୟ ରାଜ୍ୟସଭା ଓ ଲୋକସଭା ଗୃହରେ ଐତିହାସିକ ୧୨୮ତମ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ କରାଇ ଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ମହିଳା ମାନେ ସମ୍ବର୍ଦ୍ଧନା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇ ଥିଲେ ।ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଆମ ଅଂଚଳ ଦେଇ ଚଲାଇ ଥିବାରୁ ଏବଂ ଏହାର ରହଣି ତାଳଚେର ରୋଡ଼ ରେ କରାଇ ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବିଶେଷ କରି ଯାହାଙ୍କ ପ୍ରୟାସ ରେ ଏହି କାର୍ଯ୍ୟ ସମ୍ପାଦନ ହୋଇଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ବିଜେପି ନେତା କାଳନ୍ଦି ସାମଲ ଧନ୍ୟବାଦ ଦେଇଥିଲେ ।ଓଡ଼ିଶାର ରନ୍ ବିକାଶର ସୂତ୍ରଧର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲାର ବିକାଶ ପାଇଁ ୬୦ ହଜାର କୋଟି ଟଙ୍କା ଅନୁଦାନ ଦେଇ ଥିବା ବେଳେ,ରାଜପଥ, ଜଳପଥ, ରେଳପଥ ଏବଂ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରି ଆସୁଛନ୍ତି ବୋଲି ଶ୍ରୀ ସାମଲ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା,ବିଜେପି ନେତା ଯଯାତି ପଟ୍ଟନାୟକ, ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ,ସରପଞ୍ଚ ସହଦେବ ସାହୁ,ରାଜେନ୍ଦ୍ର ସିଂହ, ହିମାଂଶୁ ସାହୁ, ଜିଲ୍ଲା ଉପ ସଭାପତି ମନୋଜ ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିରଞ୍ଚି ସାହୁ,କୃଷକ ମୋର୍ଚ୍ଚା ପ୍ରଭାରୀ, ବିଭୁତି ସାହୁ,ପ୍ରାକ୍ତନ ସରପଞ୍ଚ ସନ୍ତୋଷ ମହାନ୍ତି, ମଣ୍ଡଳ ସଭାପତି ନରେଶ ଚନ୍ଦ୍ର ବେହେରା, ବରୁଣ ସାହୁ, ନରେନ୍ଦ୍ର ସାହୁ,ଚାପିଲିନ ସାହୁ,ସୁଶାନ୍ତ ଦାସ, ତପନ ତ୍ରିପାଠୀ,ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶୋଭାଗିନୀ ପ୍ରଧାନ, ମୃଣାଳିନୀ ପଟ୍ଟନାୟକ, ମିଲ୍ଲୀ ପ୍ରଧାନ, ସ୍ୱାଗତିକା ମହାନ୍ତି ଯସ୍ମୀନ ପ୍ରଧାନ,ସଂଯୁକ୍ତା ମହାରଣା, ଅଜୟ ସାହୁ ଙ୍କ ସମେତ ହଜାର ହଜାର ସଂଖ୍ୟାରେ କାର୍ଯ୍ୟକର୍ତା। ଯୋଗ ଦେଇଥିଲେ।

## ସ୍ୱାମୀ ଚିଦାନନ୍ଦଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଦିବ୍ୟ ଜୀବନ ସଂଘ ଦ୍ୱାରା ପାଳିତ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଶିବାନନ୍ଦ ଆଶ୍ରମରେ ଆଜି ଦିବ୍ୟ ଜୀବନ ସଂଘ ପକ୍ଷରୁ ଗୁରୁଦେବ ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ବଲାଙ୍ଗିର ଦିବ୍ୟ ଜୀବନ ସଂଘ ଗୁରୁ ଭାଇ ଓ ଭଉଣୀ ମାନେ ଉତ୍ସବ ପାଳନରେ ସକ୍ରିୟ ଭାବରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ପାଦୁକାପୂଜା ହୋଇଥିଲା। ପୂଜାରେ ବସିଥିଲେ ଗୁରୁଭାଇ ଗୋପାଳ ଚନ୍ଦ୍ର ନାୟକ, ପତ୍ନୀ ନୀଳକାଂତି ନାୟକ ଓ ଗୁରୁଭାଇ ସୁଧାଂଶୁ ଶେଖର ବାବୁଙ୍କ ପୁଅବୋହୂ ଅଭିଷେକ ବାବୁ, କିରଣ ବାବୁ।୯ଟାରୁ ୯ଟା ୩୦ ଗୁରୁନାମ କୀର୍ତନ ଓଁ ନମୋ ଭଗବତେ ଶିବାନନ୍ଦାୟ ଏବଂ ଓଁ ନମୋ ଭଗବତେ ଚିଦାନନ୍ଦାୟ କୀର୍ତନ ଭାଇ ଭଉଣୀ ମାନେ କରିଥିଲେ। ୯ଟା ୩୦ ରୁ ୧୦ଟା ବାଳଭୋଗ ହୋଇଥିଲା। ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଭଜନକୀର୍ତନ ଇତ୍ୟାଦି ପରେ ୧୧ଟାରୁ ୧୧ଟା ୪୫ ପର୍ଯ୍ୟନ୍ତ ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନୀ ଓ ଶିକ୍ଷା ବିଷୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ସମ୍ପାଦକ ରଘୁନାଥ ବାବୁ ଅନ୍ୟ ମାନଙ୍କୁ ନେଇ କରିଥିବା ବେଳେ ଉତର ପ୍ରଦାନ କରି ସଠିକ ଉତରଦାତାଙ୍କୁ ପୁରସ୍କାର ଦିଆଯାଇଥିଲା ।

# ମଣିଜଙ୍ଗା ପାଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ



ପାରାଦୀପ,(ପି.ଏନ): ଶିଳ୍ପ ବହୁଳ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଯୁବକଙ୍କ ବେକାରୀ ଦୁଃଖ, କଳକାରଖାନାରେ ବାହାରୁ ରାଜ୍ୟରୁ ପ୍ରବେଶ, ପଂଚାୟତ ଉନ୍ନୟନ ପାଣ୍ଠିର ଦୁରୁପଯୋଗ କରି ମୋଦିଜିଙ୍କ "ଗ୍ରାମ ବିକାଶ" ଲକ୍ଷ୍ୟକୁ ବାଟବଣା କରିବା , ମଣିଜଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ସମସ୍ତ ଚିକିତ୍ସାଳୟରେ ଡାକ୍ତର ମାନଙ୍କ ଅଭାବ , ପ୍ରାଥମିକ ଶିକ୍ଷାକ୍ଷେତ୍ର ବିପର୍ଯ୍ୟସ୍ତ ଆଦି ସମସ୍ୟା ଦ୍ୱାରା ପଂଚାୟତ ବାସି ଏଥର ପରିବର୍ତ୍ତନ ଡାକରା ଦେଇଛନ୍ତି । ପାରାଦୀପର ବିଜେପି ନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ମଣିଜଙ୍ଗାର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବିଜେପିର ମିଶ୍ରଣ ପର୍ବରେ ମଣିଜଙ୍ଗା ପଞ୍ଚାୟତର ବିଜେଡି ଓ କଂଗ୍ରେସର ଆଗ ଧାଡ଼ିର ନେତା ସୁରଜିତ ରାଉତ, ସୁରେନ୍ଦ୍ର ସାହୁ, ଅଞ୍ଜନ ସାହୁ, ଜଗବନ୍ଧୁ ଦାସ, ଅମିତ ସାହୁ, କାଳନ୍ଦୀ ଦାସ, ପ୍ରଦୀପ ସେଠୀ, ପ୍ରବୀର ଲେଙ୍କା, ନିହାର ଦାସ, ରବୀନ୍ଦ୍ର ମଲ୍ଲିକ, ଅଭୟ ମନ୍ତ୍ରୀ, ମୁରଲୀଧର ସେଠୀ, ହିମାଂଶୁ ଦାସ, ଗୋଲକ ନାୟକ, ଗଗନ ସାହୁ, ମଥୁରୀ ଦାସ,ପ୍ରଶାନ୍ତ ସାହୁ, ସରୋଜ ସେନାପତି, ସାଗର ସ୍ୱାଇଁ, ସାଇଭୂଷଣ ଦାସ ଓ ଅବସାର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଓଡିଶା ର ଉପଦେଷ୍ଟା ନରହରି ସାହୁଙ୍କ ସମେତ ବହୁ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ଯୋଗ ଦେଇଛନ୍ତି ଓ ଉକ୍ତ ପଞ୍ଚାୟତ ବୈଠକରେ ଜଡ଼ତିରା ପଞ୍ଚାୟତର ସରପଞ୍ଚ ଶିବପ୍ରସାଦ ସାହୁ, ବୋଧେଇ ପଞ୍ଚାୟତର ସମିତି ସଭ୍ୟ ଶିବପ୍ରସାଦ ସାହୁ,ଯୁବନେତା ପ୍ରତାପ ଦାସ , ଅକ୍ଷୟ ସାହୁ, ଲକ୍ଷ୍ମୀଧର ସାହୁ, କ୍ଷେତ୍ରବାସୀ ସ୍ୱାଇଁ, ହାପି ଦାସ ଉପସ୍ଥିତ ଥିଲେ ।

# ଖୁଦୁରୀକୁଣୀ ଓଷା ଧୁମଧାମରେ ପାଳିତ



ଜେନାପୁର,(ପି.ଏନ୍) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଖୁଦୁରୀକୁଣି ଓଷା ଧୁମଧାମର ସହିତ ପାଳିତ ହୋଇଯାଇଛି । ଏହି ଓଷା ଭାଦ୍ରବ ମାସର ରବିବାରରେ ଅବିବାହିତ ଝିଅମାନେ ଭାଇର ମଙ୍ଗଳ କାମନା ସହ ଶୁଭମନାସିବା ପାଇଁ ଓଷା କରିଥାନ୍ତି । ବିପଦ ଆପଦରେ ମୋ ଭାଇକୁ ସର୍ବଦା ଭଲରେ ରଖନ୍ତୁ ଜୀବନ ଦୀର୍ଘାୟୁ ହେଉ ବୋଲି ଓଷା ମାଧ୍ୟରେ ମା ମଙ୍ଗଳଙ୍କୁ ଜଣାଇଥାନ୍ତି । ପ୍ରତି ବର୍ଷ ପରି ଏହି ବର୍ଷ ମଧ ବିଭିନ୍ନ ଗ୍ରାମ ପୁରପଲ୍ଲୀରେ ରାତ୍ରି ୩ଟାରୁ ଫୁଲ ତୋଳିବା ସହ ମାଙ୍କ ମୂର୍ତ୍ତି କୁ ମହା ଆଡମ୍ବରେ ସାଜସଜା କରି ଗ୍ରାମର ପ୍ରତ୍ୟେକ ଝିଅ ମିଳିତ ହୋଇ ଖୁଦୁରୀକୁଣୀ ଓଷା ବହି ପଢିଥାନ୍ତି । ଶେଷରେ ପୂଜା ଅର୍ଚ୍ଚନା କରିସାରିବା ପରେ ଭୋଗ ଖାଇ ଆନନ୍ଦ ଉଲ୍ଲାସରେ ଘରକୁ ଫେରିଥାନ୍ତି ।

# ଗଣେଶ ପୂଜା, ନୂଆଖାଇ ପରେ ଦୁର୍ଗା ପୂଜାର ପ୍ରସ୍ତୁତି ଆରମ୍ଭ

ବଲାଙ୍ଗୀର,(ପି.ଏନ): ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ପରେ ପରେ ପୂଜା ପର୍ବ ପର୍ବାଣୀ ଆରମ୍ଭ ହୋଇଯାଇଥାଏ। ବଲାଙ୍ଗିର ସହର ଭିତରେ ସ୍କୁଲ କଲେଜ ଶିକ୍ଷାନୁଷ୍ଠାନ ଘରେ ଘରେ ଗଣନାଥ ପୂଜା ବାହାରେ ଚାଳିଶରୁ ଅଧିକ ସାର୍ବଜନୀନ ଗଣେଶ ମେଢ଼ କରାଯାଇ ପୂଜାର୍ଚ୍ଚନା ହୋଇଥାଏ। ଗଣେଶ ଚତୁର୍ଥୀ ପରଦିନ ପଂଚମୀରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଥିବା ହେତୁ ଗଣେଶ ମେଢ଼ ଗୁଡିକ ସାତ ଦିନରୁ ଅଧିକ ରଖି ନାଚ ଗୀତ ଭେଟଘାଟ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥାଏ। ନୂଆଖାଇ ବାସି ପରଦିନ ବିଭିନ୍ନ ସ୍ଥାନରେ ଅନ୍ନ ଭୋଗ ହୋଇଥାଏ। ଗତକାଲି ବଲାଙ୍ଗୀର ପେଲେସଲାଇନ ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପାଖରେ ସିଦ୍ଧିବିନାୟକ ଗଣେଷ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଗଣେଷ ଚତୁର୍ଥୀ ପୂଜା ଧୁମ୍ ଧାମ୍ ରେ ପାଳନ କରାଯାଏ ଓ ଅନ୍ନ ଭୋଗ ବଂଟାଯାଇଥାଏ । ଚଳିତ ବର୍ଷ ମଧ ରିତି ନୀତି ଅନୁଯାୟୀ ପୂଜା କରାଯାଇଛି। ଗତକାଲି ଏହି କମିଟି ପକ୍ଷରୁ ସର୍ବସାଧାରଣଙ୍କୁ ଅନ୍ନ ପ୍ରସାଦ ବଂଟନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂହ ଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଓ ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଅନ୍ନ ପ୍ରସାଦ ସେବନ କରି ଭଗବାନଙ୍କ ଦର୍ଶନ ଲାଭ କରିଥିଲେ। ଆଜି ଠାରୁ କିଛି ସ୍ଥାନରେ ବିସର୍ଜନ ଆରମ୍ଭ ହୋଇଛି। ସେପରି ନୂଆଖାଇ ପରେ କାର୍ଯ୍ୟ କ୍ଷେତ୍ରକୁ ଲେଉଟାଣି ଆରମ୍ଭ ହୋଇଯାଇଛି। ଗଣନାଥଙ୍କ ପୂଜା ପରେ ଏବେ ଦୂର୍ଗା ପୂଜାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

# ଟିକ୍ରାପଡା (ପ୍ରହରି ଛକ) ୫୦ତମ ଅହୋରାତ୍ର ନାମଯଜ୍ଞର ଲୋଗୋ ଉନ୍ମୋଚନ ଓ ନୂଆଖାଇ ଭେଟଘାଟ

ବଲାଙ୍ଗିର, (ପି.ଏନ): ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ଚଳିତ ବର୍ଷ ୫୦ ବର୍ଷ ପୂର୍ତିରେ ସୁବର୍ଣ୍ଣ ଜୟନ୍ତୀ ଟିକ୍ରାପଡା (ପ୍ରହରି ଛକ) ୫୦ତମ ଅହୋରାତ୍ର ନାମଯଜ୍ଞର ଲୋଗୋ (ପ୍ରତୀକ) ଉନ୍ମୋଚନ ଓ ନୂଆଖାଇ ଭେଟଘାଟ ସମାରୋହ ୧୯ ନଭେମ୍ବରରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ପାଳନ କରିବାକୁ ଯାଉଛି। ଏଥିପାଇଁ ଗତକାଲି ସ୍ଥାନୀୟ ପ୍ରହରି ଛକ ପାଖରେ ସୁବର୍ଣ୍ଣ ଜୟନ୍ତୀର ଲୋଗୋ ଉନ୍ମୋଚନ ଓ ନୂଆଖାଇ ଭେଟଘାଟ ଉତ୍ସବ ପାଳନ କରାଯାଇଥିଲା ।ଉକ୍ତ ଉତ୍ସବରେ ଲୋକ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ସମ୍ମାନିତ ଅତିଥି, ବିପ୍ଳବୀ କବି ହୀରାଲାଲ ସାହୁ ସମ୍ମାନିତ ଅତିଥି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଆୟୋଜନ କମିଟିର ମୁଖ୍ୟ ପ୍ରକାଶ ନେପାକ ବିବରଣୀ ପ୍ରଦାନ କରିବା ସହ ଆଗାମୀ ସୁବର୍ଣ୍ଣ ଜୟନ୍ତୀରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସାତ ଦିନ ଧରି ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ସ୍ମରଣିକା ପ୍ରକାଶ କରାଯିବାର ସୂଚନା ଦେଇଥିଲେ ଏବଂ ସହରର ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସାମିଲ କରି ଏହି ଉତ୍ସବକୁ ମହା ସମାରୋହରେ ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିବାର ସୂଚନା ଦେଇଥିଲେ। ଆୟୋଜଜ କମିଟି ମହିଳା ଶାଖା ସଭାପତି ବନେଶ୍ୱରୀ ବେହେରା ଆଗାମୀ ସୁବର୍ଣ୍ଣ ଜୟନ୍ତୀ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ସଭ୍ୟ ଭଗବାନ ବଗର୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ କମିଟି ତରଫରୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ, ପୌରାଧକ୍ଷକ୍ଷ ଲିକା ସାହୁ, କବି ହୀରାଲାଲ ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ ତଥା ସମସ୍ତ ସମ୍ମାନିତ ଅତିଥି ଏବଂ ଆୟୋଜକ କମିଟିର ସମସ୍ତଙ୍କ ଉପସ୍ଥିତିରେ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ ଏବଂ ଦୀର୍ଘ ଅଣଚାଶ ବର୍ଷ ଧରି ନାମଯଜ୍ଞ ଆୟୋଜନ କରି ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ କମିଟିକୁ ସାଧୁବାଦ ଜଣାଇଥିଲେ। ପଦ୍ମଶ୍ରୀ ହଳଧର ନାଗ କୋଶଳ ପ୍ରଦେଶ ଆଜିର ନୁହେଁ ଏହାର ବହୁ ପୁରାତନ ଇତିହାସ ଅଛି। ପ୍ରଭୁ ରାମଚନ୍ଦ୍ରଙ୍କ ମାମୁ ଘର ଏହି କୋଶଳ ପ୍ରଦେଶ ବୋଲି କହିଥିଲେ। ସେ ଏକ ମର୍ମସ୍ପର୍ଶୀ କୋଶଳି କବିତା ଆବୃତି କରି ଉତ୍ସବର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

